ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୨୩ ମାର୍ଚ୍ଚ, ୨୦୨୧



**କଳାବ୍ୟାଜ୍ ପିନ୍ଧିଲେ ପ୍ରାଣୀ ଚିକିତ୍ସକ**

ସୋନପୁର (ନି.ପ୍ର.): କଳାବ୍ୟାଜ୍ ପିନ୍ଧି ସୋମବାର ପ୍ରତିବାଦ କରିଛନ୍ତି ସୁବର୍ଣ୍ଣପୁର ଜିଲାର ସମସ୍ତ ପ୍ରାଣୀ ଚିକିତ୍ସକ। ବୌଦ୍ଧ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ (ସିଡିଭିଓ) ଡାକ୍ତର ଅମିତାଭ ପଣ୍ଡାଙ୍କୁ ମାଡ ଘଟଣାର ପ୍ରତିବାଦ କରି ପ୍ରାଣୀ ଚିକିତ୍ସକମାନେ ଏହି ପ୍ରତୀକାତ୍ମକ ଆନ୍ଦୋଳନ କରିଛନ୍ତି। ଆକ୍ରମଣକାରୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ, ପ୍ରାଣୀ ଚିକିତ୍ସକଙ୍କ ସୁରକ୍ଷା ପାଇଁ ଚିକିତ୍ସକଙ୍କ ପରି ସମାନ ଆଇନ ପ୍ରଣୟନ ସକାଶେ ଜିଲା ପ୍ରାଣୀ ଚିକିତ୍ସା ସେବା ସଂଘ ପକ୍ଷରୁ ଦାବି କରାଯାଇଛି। ସଂଘ ପକ୍ଷରୁ ଏକ ସ୍ମାରକପତ୍ର ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ପ୍ରଦାନ କରାଯାଇଛି। ସିଡିଭିଓ ଡାକ୍ତର ବୀରବର ବେହେରା, ଡାକ୍ତର ଅଜୟ କୁମାର ସାହୁ, ଡାକ୍ତର ହିମାଂଶୁ କୁମାର ମହାନ୍ତ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।

# ୪୦ ଅଲଟ୍ରାସାଉଣ୍ଡ ପରେ ଅନ୍ୟଙ୍କୁ ମନା

ବଲାଙ୍ଗୀର ଅଫିସ, ୨୨।୩

ବଲାଙ୍ଗୀର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲଭାବେ ଉନ୍ନୀତ କରାଯିବା ପରେ ଏଠାରେ ରୋଗୀସେବା ପୂର୍ବାପେକ୍ଷା ଭଲ ହେବ ବୋଲି ଆଶା କରାଯାଉଥିଲା। ମାତ୍ର ଏଠାରେ ଚିକିତ୍ସାସେବା ଆଶାନୁରୂପ ହୋଇ ପାରୁନାହିଁ। ଭୀମ ଭୋଇ ମେଡିକାଲ କଲେଜ ଅଲଟ୍ରାସାଉଣ୍ଡ କ୍ଲିନିକ୍‌ର ଚରମ ଅବ୍ୟବସ୍ଥା ଏବେ ରୋଗୀ ତଥା ରୋଗୀ ପରିଜନଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ପ୍ରତିଦିନ ହସ୍ପିଟାଲରେ ଶତାଧିକ ରୋଗୀ ଅଲଟ୍ରାସାଉଣ୍ଡ କରିବାକୁ ଭିଡ କରୁଛନ୍ତି। ମାତ୍ର ଅଲଟ୍ରାସାଉଣ୍ଡ କ୍ଲିନିକ୍‌ରେ ଦୈନିକ କେବଳ ୪୦ରୋଗୀଙ୍କ ଅଲଟ୍ରାସାଉଣ୍ଡ କରାଯାଉଛି। ଏହି କ୍ଲିନିକ୍ ସମ୍ମୁଖରେ ଏକ ସାଧା କାଗଜରେ ପ୍ରତ୍ୟେକ ଦିନ ୪୦ ଜଣଙ୍କ ନମ୍ବର ରଖାଯିବ, ଦୟାକରି ଧାଡିରେ ଛିଡାହୋଇ ନମ୍ବର କରନ୍ତୁ ବୋଲି ଏକ ବିଚିତ୍ର ନିର୍ଦ୍ଦେଶନାମା ଲଗାଯାଇଛି। ଅଲଟ୍ରାସାଉଣ୍ଡ ପାଇଁ ଏହି ହସ୍ପିଟାଲରେ ଜଣେ ମାତ୍ର ଡାକ୍ତର ଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା କୁହାଯାଉଛି। ଯେଉଁ ଜଣେ ଡାକ୍ତର ଅଛନ୍ତି ସେ କେବଳ ଦିନକୁ ୪୦ଟି ଅଲଟ୍ରାସାଉଣ୍ଡ କରୁଛନ୍ତି। ଅନ୍ୟମାନଙ୍କୁ ତା'ପର ଦିନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ କୁହାଯାଉଛି। ମାତ୍ର ପରଦିନ ପରୀକ୍ଷା ହେଉନାହିଁ। ଦୈନିକ ୪୦ଟି ଅଲଟ୍ରାସାଉଣ୍ଡରେ ହସ୍ପିଟାଲ ସୀମିତ ହୋଇଯାଇଥିବାରୁ ରାତି ୩ଟାରୁ ରୋଗୀମାନେ ଅଲଟ୍ରାସାଉଣ୍ଡ କ୍ଲିନିକ୍ ସମ୍ମୁଖରେ ଧାଡି ଲଗାଇ ଠିଆ ହେଉଛନ୍ତି। ସକାଳ ୬ଟା ବେଳକୁ ମଧ୍ୟ ଅନେକ ରୋଗୀ ନମ୍ବର ପାଇପାରୁନାହାନ୍ତି। ପରିସ୍ଥିତି ଏଭଳି ହେଉଛି ଯେ, ଜଣେ ଜଣେ ରୋଗୀଙ୍କୁ ଅଲଟ୍ରାସାଉଣ୍ଡ ପାଇଁ ସପ୍ତାହେ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡୁଛି। କେତେକ ରୋଗୀ ହସ୍ପିଟାଲ ବାହାରେ ଅଲଟ୍ରାସାଉଣ୍ଡ କରିବାକୁ ଅନୁମତି ଦିଅନ୍ତୁ ବୋଲି ଡାକ୍ତରଙ୍କୁ କହୁଥିଲେ ମଧ୍ୟ ସେମାନେ ସେଭଳି ପରାମର୍ଶ ଦେଇପାରିବେ ନାହିଁ ବୋଲି କହୁଛନ୍ତି। ସୋମବାର ସକାଳେ ହସ୍ପିଟାଲର ଅଲଟ୍ରାସାଉଣ୍ଡ ସମ୍ମୁଖରେ ବହୁ ରୋଗୀ ଲାଇନ୍ ଲଗାଇ ଠିଆ ହୋଇଥିଲେ ମଧ୍ୟ ସେମାନଙ୍କ ଆଉ ପରୀକ୍ଷା ହୋଇପାରିବ ନାହିଁ ବୋଲି କୁହାଯାଇଥିଲା। ଏଭଳି ଅବ୍ୟବସ୍ଥା ନେଇ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ଅଧୀକ୍ଷକ ଡା ମହେନ୍ଦ୍ର କୁମାର ନାୟକଙ୍କୁ ପଚାରିବାରୁ ଅଲଟ୍ରାସାଉଣ୍ଡ କରିବାକୁ ହସ୍ପିଟାଲରେ ଏବେ ଜଣେ ମାତ୍ର ଡାକ୍ତର ରହିଛନ୍ତି। ଅନ୍ୟଜଣେ ଡାକ୍ତରଙ୍କୁ ନିଯୁକ୍ତି ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ସେ କାର୍ଯ୍ୟରେ ଯୋଗଦେଇ ନଥିବାରୁ ଏଭଳି ଅସୁବିଧା ହେଉଛି ବୋଲି କହି ନିଜର ଅସହାୟତା ପ୍ରକାଶ କରିଛନ୍ତି।



ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ଅଲଟ୍ରାସାଉଣ୍ଡ କ୍ଲିନିକ ସମ୍ମୁଖରେ ରୋଗୀ ଓ ପରିଜନଙ୍କ ଭିଡ।

**ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ**
- ହଇରାଣ ହେଉଛନ୍ତି ରୋଗୀ
- ରାତି ୩ରୁ ଧାଡି ଲଗାଉଛନ୍ତି ପରିଜନ

## ସଂକ୍ଷେପରେ

### ପଜିଟିଭ୍ ଚିହ୍ନଟ ପରେ ସାନିଟାଇଜ୍ ହେଲା କଲେଜ

ବିନିକା,୨୨।୩(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳର ଏକ ଜୁନିୟର କଲେଜର ୬ଜଣ ବିଦ୍ୟାର୍ଥୀ କରୋନା ପଜିଟିଭ୍ ଚିହ୍ନଟ ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବିନିକା ମେଡିକାଲ ପକ୍ଷରୁ ଏ ନେଇ ସୂଚନା ଦିଆଯିବା ପରେ ସୋମବାର କଲେଜ ଅଫିସ ଗୃହ ଓ ଶ୍ରେଣୀଗୃହକୁ ଅଗ୍ନିଶମ ବିଭାଗ ପକ୍ଷରୁ ସାନିଟାଇଜ୍ କରାଯାଇଛି। ସାନିଟାଇଜ୍ ବେଳେ କଲେଜ ଅଧକ୍ଷା ଉପସ୍ଥିତ ଥିଲେ।

### ସୋନପୁର ବ୍ଲକ କନିଷ୍ଠ ଶିକ୍ଷକ ସଂଘ ଗଠିତ

ସୋନପୁର,୨୨।୩(ନି.ପ୍ର.): ୨୦୧୮ ମସିହାରେ ନିଯୁକ୍ତ ହୋଇଥିବା ସୋନପୁର ବ୍ଲକର ସମସ୍ତ କନିଷ୍ଠ ଶିକ୍ଷକ(ଚୁକ୍ତିଭିତ୍ତିକ)ମାନଙ୍କୁ ନେଇ ଏକ ନୂତନ ସଂଘ ସୋମବାର ଗଠିତ ହୋଇଛି। ସୁବର୍ଣ୍ଣମେରୁ ଶୈବପୀଠ ପ୍ରାଙ୍ଗଣରେ ବ୍ଲକର ପ୍ରାକ୍ତନ ସଭାପତି ବ୍ରତାନନ୍ଦ ଭୋଇ ଓ ସମ୍ପାଦକ ହରିହର ସାଙ୍କ ପରାମର୍ଶକ୍ରମେ ଅନୁଷ୍ଠିତ ବୈଠକରେ ନୂତନ ସଂଘ ଗଠିତ ହୋଇଥିଲା। ସଭାପତିଭାବେ ସମୀର କୁମାର ପଣ୍ଡା, ଉପସଭାପତି ଆକାଶ କୁମାର ମିଶ୍ର, ସମ୍ପାଦକ ନିହାର ରଞ୍ଜନ ନନ୍ଦ, ସହସମ୍ପାଦକ ଭାଗବତ ପ୍ରସାଦ ମିଶ୍ର, କୋଷାଧକ୍ଷ ଅବିନାଶ ନାୟକ, ସଂଯୋଜକ ସତ୍ୟଜିତ୍ ବିନ୍ଧାଣୀ, ସଭ୍ୟ ସଂଯୋଜକ ପରମେଶ୍ୱର ମେହେର ଓ ଗଣମାଧ୍ୟମ ସଂଯୋଜକଭାବେ ବୁଲମୁନ୍ ବେଲ ମନୋନୀତ ହୋଇଛନ୍ତି।

### ତୃତୀୟ ବୈଠକୀ ସଂକୀର୍ତ୍ତନ ଉତ୍ସବ

ପଲମ, ୨୨।୩ (ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ରୁପ୍ରା ପଞ୍ଚାୟତସ୍ଥିତ ରୁପ୍ରା ଜଗନ୍ନାଥ ପରିସରରେ କଳା ଓ ସାହିତ୍ୟ କ୍ଷେତ୍ରରେ କାର୍ଯ୍ୟରତ ଅଖିଳ ଭାରତୀୟ ସଙ୍ଗଠନ ସଂସ୍କାର ଭାରତୀ ଉତ୍କଳ ପଶ୍ଚିମ ପ୍ରାନ୍ତର ତୃତୀୟ ବୈଠକି ସଂକୀର୍ତ୍ତନ ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ୧୫ଟି ଦଳ ନିଜର କଳା ପ୍ରଦର୍ଶନ କରିଥିଲେ। କଳା ପ୍ରଦର୍ଶନ ନିମନ୍ତେ ସଂକିର୍ତ୍ତନ୍ୟ ଦଳଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନର୍ଲା ବ୍ଲକ ଅଧକ୍ଷା ମନୋରମା ମହାନ୍ତି, ସମ୍ମାନିତ ଅତିଥି ଭାବେ ନର୍ଲା ଉପାଧକ୍ଷ ଦୁର୍ଗାପ୍ରସାଦ ମହାନ୍ତି, ରୁପ୍ରା ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ଶ୍ୟାମସୁନ୍ଦର ସେନାପତି, ନର୍ଲା ଜିଲା ପରିଷଦ ସଦସ୍ୟ ସରୋଜ ମାଝି, ଗୌଚେନ୍ଦ୍ର ଭୋଇ, ନିଳମଣି ସାହୁ, ରୁପ୍ରା ସରପଞ୍ଚ ବିଷୟା ମାଝି ପ୍ରମୁଖ ଯୋଗଦାନ କରିଥିଲେ। ମଞ୍ଚରେ ସାମାଜିକ କର୍ମୀ ଡ. ସାଧୁରାମ ଅଗ୍ରୱାଲଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସ୍କାର ଭାରତୀ ଉତ୍କଳ ପଶ୍ଚିମ ପ୍ରାନ୍ତର ହରେକୃଷ୍ଣ ଭୋଇ, ସଂସ୍କାର ଭାରତୀ ନର୍ଲ ସଂଯୋଜକ ଫିରୋଜ ଚନ୍ଦ୍ର ପାତ୍ର, ସହ ସଂଯୋଜକ ହୃଷୀକେଶ ଗଡତିଆଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଉତ୍କଳ ପଶ୍ଚିମ ପ୍ରାନ୍ତର ଅଧକ୍ଷ ପ୍ରଭାସ ମିଶ୍ର, ଖଗେଶ୍ୱର ବାବା, ସନ୍ତୋଷ କୁମାର ଦାସ, ସତ୍ୟ ମେହେର, ଯଗୁଲାଲ ଭୋଇ, ସଭାକର ପଧାନ ପ୍ରମୁଖ ବିଚାରକ ଭାବେ କାର୍ଯ୍ୟ କରିଥିଲେ। ମଧୁସୁଦନ ରାଉତ କଳା ପରିବେଷଣ ମଞ୍ଚରେ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

# ଠିକା କମ୍ପାନୀ କ୍ୟାମ୍ପରୁ ଡକାୟତି ଘଟଣା, ୩ ଗିରଫ

ଲୋଇସିଂହା,୨୨।୩ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଧୀନ ବେନ୍ଦ୍ରା ରେଳ ଫାଟକ ନିକଟ ଏଲ ଆଣ୍ଡ ଟି କ୍ୟାମ୍ପରୁ ଡକାୟତି ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ବଲାଙ୍ଗୀର ପ୍ୟାଲେସ ଲାଇନର ଧର୍ମେନ୍ଦ୍ର ସିଂ, ମାଳଗୋଦାମ ପଡାର ଶଙ୍କର କୁମ୍ଭାର ଓ ଇଚ୍ଛାପଡାର ପିଣ୍ଟୁ ଓରଫ ରବିନାରାୟଣ ସାହୁ। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। କପର କେବୁଲ ବୋଝେଇ ପିକଅପ ଭ୍ୟାନ (ଓଡି ୩୩ ଜି ୩୯୨୨), ଡକାୟତି ବେଳେ ବ୍ୟବହୃତ ମାରଣାସ୍ତ୍ର ଓ ଲୁଟ ୩ ହଜାର ଟଙ୍କା ଅଭିଯୁକ୍ତମାନଙ୍କଠାରୁ ଉଦ୍ଧାର ହୋଇଥିବା ଆଇଆଇସି ଲଳିତା ଲାକ୍ରା କହିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଦୁଇ ଜଣ ଫେରାର ଅଛନ୍ତି। ଏନେଇ ଲୋଇସିଂହା ଥାନାରେ ଏକ ମାମଲା(ନଂ. ୭୩/୨୧) ରୁଜୁ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ବେନ୍ଦ୍ରା ରେଳ ଫାଟକ ନିକଟରେ ଥିବା ଏଲଏଣ୍ଡଟି ଠିକା କମ୍ପାନୀ ଗୋଦାମରେ ଗତ ୨୦ତାରିଖ ରାତିରେ ୫ଜଣ ଦୁର୍ବୃତ୍ତ ପଶି ସୁରକ୍ଷା କର୍ମୀଙ୍କୁ ଆକ୍ରମଣ କରି ଲୁଟ୍‌ପାଟ କରିଥିଲେ। ଆକ୍ରମଣର ଶିକାର ସୁରକ୍ଷା କର୍ମୀ ପ୍ରେମାନନ୍ଦ ରାୟ ଏବେ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।



ଲୁଟ୍ ଘଟଣାରେ ଗିରଫ ୩ ଅଭିଯୁକ୍ତ।

# ବାଲ୍ୟବିବାହ ରୋକିଲା ପ୍ରଶାସନ

ଲୋଇସିଂହା,୨୧।୩ (ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା କୁଟେନପାଲିରେ ଏପ୍ରିଲ ୨ ତାରିଖରେ ହେବାକୁ ଥିବା ଏକ ନାବାଳିକା ବିବାହକୁ ସୋମବାର ପ୍ରଶାସନ ରୋକିଛି। ସମ୍ପୃକ୍ତ ନାବାଳିକାଙ୍କ ବାହାଘର ଲୋଇସିଂହା ବ୍ଲକ ପୋଡମୁଣ୍ଡରେ ସ୍ଥିର ହୋଇଥିଲା। ଏହା ଜାଣିଲା ପରେ ଲୋଇସିଂହା ବ୍ଲକ ବାଲ୍ୟବିବାହ ନିଷେଧ ଅଧିକାରୀ ତଥା ସିଡିପିଓ ପ୍ରଜ୍ଞାପରମିତା ବାରିକ, ମହିଳା ପର୍ଯ୍ୟବେକ୍ଷିକା ବନ୍ଦିତା ମିଶ୍ର ଓ ଚାଇଲ୍ଡ ଲାଇନ ସଦସ୍ୟ ପରେଶ ସୁନା, ଲୋଇସିଂହା ପୋଲିସ ନାବାଳିକାଙ୍କ ଘରକୁ ଯାଇଥିଲେ। ନାବାଳିକାଙ୍କ ମା, ବାପା ଓ ବଡଭାଇଙ୍କୁ ବାଲ୍ୟ ବିବାହ ନିଷେଧ ଆଇନ ସମ୍ପର୍କରେ ବୁଝାଇ ବିବାହ ବନ୍ଦ ରଖିବାକୁ ମନାଇଥିଲେ। ସେହିପରି ଗତ ୧୯ ତାରିଖରେ ଦୁମଦୁମି ଗ୍ରାମର ଜଣେ ନାବାଳିକାର ବିବାହ ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳରେ ରହିଥିଲା। ଏହା ସୂଚନା ପାଇଁ ଗତ ୧୭ ତାରିଖରେ ଦୁମଦୁମି ଗ୍ରାମକୁ ଯାଇ ବାଲ୍ୟବିବାହ ବନ୍ଦ କରିବା ସହ ଏହାର ପରିଣାମ ସମ୍ପର୍କରେ ବୁଝାଇ ପରିବାର ଓ ଗ୍ରାମବସୀଙ୍କୁ ସଚେତନ କରିଥିବା ସିଡିପିଓ ବାରିକ କହିଛନ୍ତି।

# ବିନିକାରେ ବ୍ୟାପୁଛି ଝାଡ଼ାବାନ୍ତି

ବିନିକା,୨୨।୩ (ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳରେ ଝାଡାବାନ୍ତି ବ୍ୟାପିବାରେ ଲାଗିଛି। ଗତ ୧୦ଦିନ ଭିତରେ ୧୫୦ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ ହୋଇ ବିନିକା ବ୍ଲକ ଅଞ୍ଚଳର ବିଭିନ୍ନ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ବିଶେଷ କରି ବୟସ୍କମାନେ ଅଧିକ ମାତ୍ରାରେ ଆକ୍ରାନ୍ତ ହେଉଛନ୍ତି। ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବାଙ୍କିଘିର୍ଡି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ମହାଦେବପାଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଝାଡାବାନ୍ତି ରୋଗୀଙ୍କ ପଞ୍ଜୀକରଣରୁ ଏହା ଜଣାପଡୁଛି। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ, ଝାଡାବାନ୍ତି ବ୍ୟାପୁଥିଲେ ହେଁ ବିନିକା ଅଞ୍ଚଳରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜନସଚେତନତା କରାଯାଉନାହିଁ। ଓଆର୍‌ଏସ୍ ବଣ୍ଟନ ହେଉନାହିଁ କିମ୍ବା ଅଞ୍ଚଳରେ ଥିବା ନଳକୂପ ଓ ଜଳ ପ୍ରକଳ୍ପମାନଙ୍କରେ ବ୍ଲିଚିଂ ପାଉଡର ସିଞ୍ଚନ ହେଉନାହିଁ। ଏ ଦିଗରେ ସ୍ଥାନୀୟ ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷ ଅବିଳମ୍ବେ ପଦକ୍ଷେପ ନ ନେଲେ ସ୍ଥିତି ଅଣାୟତ୍ତ ହୋଇପାରେ ବୋଲି ଝାଡାବାନ୍ତି ଆକ୍ରାନ୍ତ ଅମୂଲ୍ୟ ସା, ପୂର୍ଣ୍ଣିମା ବାଘ, ଝରଣା ଭୋରାସାଗର, ଭଗିଲାଲ ପେରା, ସେବତୀ ସୁନା, ହିତେଶ ବାଗ, ଚନ୍ଦ୍ରମଣି ଝାଙ୍କର, ସିଂଘିଝୁବା ଗ୍ରାମର ଅଷାଢୁ କୁମ୍ଭାର, ନୀଳିମା ଭୁଏ, କିର୍ମିରାର ସ୍ୱପ୍ନା ମହାଲିଙ୍ଗ ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ନେଇ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସକ ଡା. ମୁକେଶ ମେହେରଙ୍କୁ ପଚାରିବାରୁ ଝାଡାବାନ୍ତି ନିୟନ୍ତ୍ରଣ ନେଇ ବିଭାଗ ସଜାଗ ରହିଛି। ଅଧିକ ଗରମ ଏବଂ ପାଣିପାଗର ପରିବର୍ତ୍ତନ ହେଲେ ଝାଡାବାନ୍ତି ଦେଖାଦିଏ। ବୟସ୍କ, କୋମଳମତି ଶିଶୁ, ମଧୁମେହ ରୋଗୀ ଓ ହୃଦ୍‌ରୋଗୀଙ୍କ ପାଇଁ ଝାଡାବାନ୍ତି ହାନିକାରକ ହୋଇପାରେ। ତେବେ ଆବଶ୍ୟକ ଯତ୍ନ ନେଲେ ବିପଦ ନାହିଁ ବୋଲି ସେ କହିଥିଲେ।



ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ଝାଡାବାନ୍ତି ଆକ୍ରାନ୍ତ।

**୧୦ଦିନରେ ୧୫୦ ଆକ୍ରାନ୍ତ**

## ଭିଜନ-୨୪ କ୍ରିକେଟ: ଏସ୍‌ଡିସିଏ (ଏଚ୍) ବିଜୟୀ

ସୋନପୁର,୨୨।୩ (ନି.ପ୍ର.)

ସୋନପୁର ଗାନ୍ଧୀ ପଡିଆରେ ଜିଲା କ୍ରିକେଟ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଭିଜନ-୨୪ କ୍ରିକେଟ୍ ଟୁର୍ନାମେଣ୍ଟର ସୋମବାର ଚତୁର୍ଥ ମ୍ୟାଚ୍ ଏସ୍‌ଡିସିଏ(ଜି) ଓ ଏସ୍‌ଡିସିଏ(ଏଚ୍) ମଧ୍ୟରେ ହୋଇଥିଲା। ଏସ୍‌ଡିସିଏ(ଜି) ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ୫୦ ଓଭରବିଶିଷ୍ଟ ମ୍ୟାଚ୍‌ର ପ୍ରଥମ ଓଭରରେ ଉଇକେଟ୍ ହରାଇ ଦଳ ସଙ୍କଟର ସମ୍ମୁଖୀନ ହୋଇଥିଲା। ଓପନର ଯଶୋବନ୍ତ ସାହୁଙ୍କ ଧୈର୍ଯ୍ୟପୂର୍ଣ୍ଣ ୩୨ ଓ ସୁଧାଂଶୁ ଶେଖର ନାଏକଙ୍କ ସାହସିକ ୫୪ ରନ ବଳରେ ଏସ୍‌ଡିସିଏ (ଜି)୧୩୮ ରନ କରିବାକୁ ସମର୍ଥ ହୋଇଥିଲା। ଏସ୍‌ଡିସିଏ(ଏଚ) ଦଳର ତୁଙ୍ଗରାମ ମେହେର ୧୫ରନ ଦେଇ ୬ ଉଇକେଟ୍ ଓ ସଞ୍ଜୀବ ସେଠୀ ୧୨ ରନ ଦେଇ ଗୋଟିଏ ଉଇକେଟ ହାସଲ କରିଥିଲେ। ଜବାବରେ ଏସଡିସିଏ (ଏଚ) ଦଳ ୨୧.୧ ଓଭରରେ ୬ ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ପ୍ରଭୁଦତ୍ତ କୁମ୍ଭାର ୪୨ ଓ ପ୍ରକାଶ ପଣ୍ଡା ୪୧ ରନ ସଂଗ୍ରହ କରିଥିଲେ। ଏସ୍‌ଡିସିଏ (ଜି) ଦଳର ଭକ୍ତ ବଲ୍ଲଭ ଦେହୁରୀ ୩ଟି ଉଇକେଟ ନେଇଥିଲେ। ମ୍ୟାଚ୍ ପରିଚାଳନା କରିଥିଲେ ଶ୍ୟାମ ସୁନ୍ଦର ପଣ୍ଡା ଓ ଶ୍ରୀବନ୍ତ କୁମାର ନାୟକ। ସ୍କୋରର ଥିଲେ ପାର୍ଥସାରଥି ଦାସ ଓ ଦିନେଶ ଘିବେଲା। ମ୍ୟାଚ୍ ଆୟୋଜନରେ ସହାୟତା କରିଥିଲେ ଶଙ୍କର ଘଡେଇ, ରାଜେଶ ନାରାୟଣ ସିଂ ଓ ବି.ସୁଦର୍ଶନ ପାତ୍ର।

# ପ୍ରାଣୀ ଚିକିତ୍ସା ବିଭାଗ କର୍ମଚାରୀଙ୍କ ଆନ୍ଦୋଳନ

ବୌଦ୍ଧ,୨୨।୩(ସ୍ୱ.ପ୍ର)

ବୌଦ୍ଧ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ଅମିତାଭ ପଣ୍ଡାଙ୍କୁ ଆକ୍ରମଣ ଘଟଣାରେ ପ୍ରାଣୀ ଚିକିତ୍ସକମାନେ କାର୍ଯ୍ୟକ୍ଷେତ୍ରରେ ସେମାନଙ୍କ ସୁରକ୍ଷା ଦାବି କରି ସୋମବାର ରାଜ୍ୟବ୍ୟାପୀ ଆନ୍ଦୋଳନ ଆରମ୍ଭ କରିଛନ୍ତି। ସେମାନେ ସୋମବାର ପୂର୍ବାହ୍ନରେ ଘଣ୍ଟାଏ ପାଇଁ ବିଭାଗୀୟ ଜିଲା କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିଲେ। ଦାବି ପୂରଣ ହେବା ପର୍ଯ୍ୟନ୍ତ ସମସ୍ତ କର୍ମଚାରୀ କଳାବ୍ୟାଜ୍ ପିନ୍ଧି ଚିକିତ୍ସା ସେବା ଯୋଗାଇବାକୁ ନିଷ୍ପତ୍ତି ନିଆଯାଇଥିବା ସେମାନେ ସୂଚନା ଦେଇଥିଲେ। ଅପରାହ୍ନରେ ଜିଲା ପ୍ରାଣୀ ଚିକିତ୍ସାଧିକାରୀଙ୍କ ନେତୃତ୍ୱରେ ପ୍ରତିନିଧିମଣ୍ଡଳୀ ଜିଲାପାଳଙ୍କ ଜରିଆରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ଏସ୍‌ଡିଭିଓ ଡା. ପ୍ରଫୁଲ୍ଲ କୁମାର ନାୟକ, ଡା. ପ୍ରଭାସ କୁମାର ବେହେରା, ଡା. ନିରଦ ଚନ୍ଦ୍ର କହଁର, ଡା. ହୃଷିକେଶ ବେହେରା ଓ ଡା. ପ୍ରିୟବ୍ରତ ବେହେରା ପ୍ରମୁଖ ସାମିଲ ହୋଇଥିଲେ।



ପ୍ରାଣୀ ଚିକିତ୍ସା ବିଭାଗର କର୍ମଚାରୀମାନେ ଧାରଣାରେ ବସିଛନ୍ତି।

# ୨୫ରୁ ସରକାରୀ କାର୍ଯ୍ୟାଳୟରେ ତାଲା ପଡ଼ିବ

**ଲୋଇସିଂହାକୁ ଏନଏସି ମାନ୍ୟତା ପ୍ରସଙ୍ଗ**

ଲୋଇସିଂହା, ୨୧।୩(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହାକୁ ଏନଏସି ମାନ୍ୟତା ଦାବିରେ ଆଞ୍ଚଳିକ ବିକାଶ ପରିଷଦ ଆହ୍ୱାନକ୍ରମେ ଲୋଇସିଂହା ବ୍ଲକ ଅଫିସ ଆଗରେ ଗଣଧାରଣା ଚାଲିଛି। ଆଉ ଦୁଇଦିନ ପରେ ଗଣଧାରଣାକୁ ମାସେ ପୁରିବ। ହେଲେ ଜିଲା ପ୍ରଶାସନ କିମ୍ବା ରାଜ୍ୟ ସରକାର ଏ ଦିଗରେ କୌଣସି ସ୍ପଷ୍ଟୀକରଣ ଦେଉନାହାନ୍ତି। ଆସନ୍ତା ୨୫ ତାରିଖରୁ ଲୋଇସିଂହାରେ ଥିବା ସମସ୍ତ ସରକାରୀ କାର୍ଯ୍ୟାଳୟରେ ତାଲା ପକାଇବାକୁ ଆନ୍ଦୋଳନକାରୀ ନିଷ୍ପତ୍ତି ନେଇଛନ୍ତି। ଆଞ୍ଚଳିକ ବିକାଶ ପରିଷଦ ଆହ୍ୱାନକ୍ରମେ ପ୍ରସ୍ତାବିତ ଲୋଇସିଂହା ଏନଏସିରେ ଆସୁଥିବା ଲୋଇସିଂହା, ବୁର୍ଡା, ହୀରାପୁର ପଞ୍ଚାୟତ ସହ ପନେସରା, ସେମେଲମୁଣ୍ଡା ଓ ସାରେସମୁଣ୍ଡା ଗ୍ରାମବାସୀ, ବିଭିନ୍ନ ଅନୁଷ୍ଠାନ ଓ ସଂଗଠନ ପକ୍ଷରୁ ଗତ ଫେବୃୟାରୀ ୨୪ରୁ ବ୍ଲକ ଅଫିସ ଆଗରେ ଗଣଧାରଣା ଦିଆଯାଇଥିଲା। ଗତ ୧୦ତାରିଖ ଆନ୍ଦୋଳନକାରୀ ରାସ୍ତାକୁ ଓହ୍ଲାଇଥିଲେ। ଏହାପରେ ମଧ୍ୟ ପ୍ରଶାସନ ଓ ସରକାର ପକ୍ଷରୁ କୌଣସି ପଦକ୍ଷେପ ନିଆଗଲା ନାହିଁ। ଆନ୍ଦୋଳନକାରୀ ବ୍ଲକ ଅଫିସ ସମ୍ମୁଖରେ ରିଲେ ଧାରଣା ଜାରି ରଖିଛନ୍ତି। ସୋମବାର ସରୋଜ ବିଶ୍ୱାଳଙ୍କ ଆବାହକତ୍ୱରେ ଆଲୋଚନା ହୋଇଥିଲା। ଉପସ୍ଥିତ ସଦସ୍ୟ କୁନା ଭୋଇ, ଅରବିନ୍ଦ ସାହୁ, ଭୂତନାଥ ନାଏକ, ଗୌରାଙ୍ଗ ନାଏକ, ରାମଚନ୍ଦ୍ର ସାହୁ, ଗୋପବନ୍ଧୁ ସାହୁ, କାହ୍ନୁ ପଧାନ, ଦେବାଶିଷ ବିଶୋୟୀ, ବୁଲୁ ବାଦୀଙ୍କ ସମେତ ଶତାଧିକଙ୍କ ସମ୍ମତିକ୍ରମେ ଉକ୍ତ ନିଷ୍ପତ୍ତି ଗ୍ରହଣ କରାଯାଇଛି।

## ବିଶ୍ୱ ବନ ଦିବସ ପାଳିତ

ଭବାନୀପାଟଣା, ୨୨।୩ (ଡି.ଏନ.ଏ.)

କଳାହାଣ୍ଡି ଜିଲା ବନ ବିଭାଗ ପକ୍ଷରୁ ଭବାନୀପାଟଣା ଉତ୍ତର ବନଖଣ୍ଡ କାର୍ଯ୍ୟାଳୟ ସଭା ଗୃହରେ ରବିବାର ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। ଡିଏଫ୍‌ଓ ନୀତିଶ କୁମାର, ଏସିଏଫ୍ ମଳୟ ରଞ୍ଜନ କାଲୋ, ଏସିଏଫ୍ ଜିତେନ୍ଦ୍ର ସାହୁ ଓ ଏସିଏଫ୍ ଶିବ ପ୍ରସାଦ ରଥ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଧର୍ମଗଡ ସବ୍‌ଡିଭିଜନ୍‌ର ମା' ଭଣ୍ଡାରଘରିଆଣୀ ହାଇସ୍କୁଲ ଓ ଭବାନୀପାଟଣା ସବ୍‌ଡିଭିଜନ୍‌ର କେସିଙ୍ଗା ବିଦ୍ୟାପୀଠକୁ ଶ୍ରେଷ୍ଠ ବନୀକରଣ ସ୍କୁଲକୁ ପୁରସ୍କୃତ କରାଯାଇଥିଲା। ଫରେଷ୍ଟଗାର୍ଡ ରମେଶ ଚନ୍ଦ୍ର ବିଶି, ଦୀନବନ୍ଧୁ ବାଗ, ସୁଶୀଳ ମହାନନ୍ଦ, ଲକ୍ଷ୍ମୀ ଦୋରା, କବିତା ପାଣିଗ୍ରାହୀ, ଭଗବାନ ସେଠୀ, କିଶୋର ସାହୁ ଓ ମିନା ନାଏକଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା।

# ଖରା ଆରମ୍ଭରୁ ଗଡ଼ରାମାଳରେ ଜଳକଷ୍ଟ

କୋକସରା, ୨୨।୩ (ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ କୋକସରା ପଞ୍ଚାୟତ ଗଡ଼ରାମାଳ ଗ୍ରାମରେ ଖରା ଦିନ ଆରମ୍ଭରୁ ଦେଖାଦେଇଛି ପାନୀୟ ଜଳ ସମସ୍ୟା। ପାନୀୟ ଜଳ ଯୋଗାଣ ପାଇଁ ସୋମବାର ଗ୍ରାମବାସୀ ବିଡିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏ ନେଇ ଗ୍ରାମର ଶତାଧିକ ପୁରୁଷ ମହିଳା ଏକ ଦାବିପତ୍ର ବିଡିଓ ମନୀଷା ଦାସଙ୍କ ସମେତ ଗ୍ରାମ୍ୟ ଜଳଯୋଗାଣ କନିଷ୍ଠ ଯନ୍ତ୍ରୀ ଅଜିତ କୁମାର ସେଠି, କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀଙ୍କୁ ଦେଇଛନ୍ତି। ସୂଚନା ଯେ, ଗାଁରେ ରହିଛି ପାନୀୟ ଜଳ ପାଇଁ ଏକ ସୋଲାର ପାନୀୟ ଜଳ ପ୍ରକଳ୍ପ। ସୋଲାର ଟାଙ୍କିରେ ଅଧିକ ଦିନ ପାଣି ରହୁଥିବାରୁ ଦୁର୍ଗନ୍ଧଯୁକ୍ତ ପାଣି ବାହାରୁଥିବା ସହ ଅନ୍ୟ ନଳକୂପରୁ ମଧ୍ୟ ପାଣି ପାନୀୟ ଅନୁପଯୁକ୍ତ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ପାଣି ପାନୀୟ ଜଳ ରୂପେ ବ୍ୟବହାର କରି ଗାଁର ଅନେକ ଲୋକ ଝାଡ଼ାବାନ୍ତିର ଶିକାର ହୋଇଥିବା ଜଣାପଡିଛି। ଦାବିପତ୍ର ପ୍ରଦାନ ବେଳେ ଗ୍ରାମର ବାବୁଲି ବିଶି, ଘନଶ୍ୟାମ ବିଶି, ହିମାଞ୍ଚଳ ରାଉତ, ରୂପଧର ବିଶି, ପଙ୍କଜ ବିଶି, ଜେମାମଣି ବିଶି, ନିରୂପମା ବିଶି, ଶୁଭଶ୍ରୀ ବିଶି, ବବିତା ବିଶିଙ୍କ ସମେତ ଗଡ଼ରାମାଳ ଗ୍ରାମର ଶତାଧିକ ପୁରୁଷ ମହିଳା ସାମିଲ ହୋଇଥିଲେ। କୋକସରା ବିଡିଓଙ୍କୁ ପଚାରିବାରୁ ଗ୍ରାମବାସୀଙ୍କ ପାନୀୟ ଜଳ ଯୋଗାଣ ପାଇଁ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି। ପୂର୍ବରୁ ମଧ୍ୟ ଗ୍ରାମବାସୀ ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କରିଥିବା ବେଳେ ପାନୀୟ ଜଳ ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ ଚେତାବନୀ ଦେଇଛନ୍ତି।



ପାନୀୟ ଜଳ ସମସ୍ୟା ନେଇ ଗ୍ରାମବାସୀ ବିଡିଓଙ୍କୁ ଭେଟୁଛନ୍ତି।

- ପାନୀୟ ଜଳ ସମସ୍ୟା ନେଇ ବିଡିଓଙ୍କ ଦ୍ୱାରସ୍ଥ
- ଆନ୍ଦୋଳନ ଚେତବାନୀ

## ଭତ୍ତା ପ୍ରଦାନ ଦାବିରେ ବୃଦ୍ଧାବୃଦ୍ଧ ବିଡିଓଙ୍କ ଦ୍ୱାରସ୍ଥ

ଦେଓଗାଁ, ୨୨।୩ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସିଂହାମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଆମଘାଟ ଗ୍ରାମର ବୃଦ୍ଧାବୃଦ୍ଧ ଭତ୍ତା ପ୍ରଦାନ ଦାବିରେ ସୋମବାର ବିଡିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି। ୬୦ବର୍ଷରୁ ଉର୍ଦ୍ଧ୍ୱ ହୋଇଥିଲେ ମଧ୍ୟ ସେମାନଙ୍କୁ ଭତ୍ତା ଯୋଜନାରେ ସାମିଲ କରାଯାଉ ନ ଥିବା ଗାଁର ଦାଏମତି ବରର୍ଡ଼ି, ନିରଞ୍ଜନ ନାଗ, ଲତା ନାଗ, ଉଦେ ଧରୁଆ, ମଣି ବରର୍ଡ଼ି, ସୁଶୀଳା ବରର୍ଡ଼ି, ହଳଧର ରଣା, ମକୁନ୍ଦ କୁଅଁର, ଶ୍ୟାମ ଧରୁଆ, ଜଳ ଚାନ୍ଦ ପ୍ରମୁଖ ବିଡିଓ ମୂରଲୀଧର ନାଏକ ଓ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଶାନ୍ତ ବାଗଙ୍କ ନିକଟରେ ଫେରାଦ ହୋଇଛନ୍ତି। ଅଭିଯୋଗର ତଦନ୍ତ କରି ସମସ୍ତ ବୃଦ୍ଧାବୃଦ୍ଧଙ୍କୁ ତୁରନ୍ତ ସରକାରଙ୍କ ଭତ୍ତା ଯୋଜନାରେ ସାମିଲ କରିବା ପାଇଁ ଦାବି ଜଣାଇଛନ୍ତି।

# ପାଣି ଦେଉଛି ଦାନା

ଜାମଟିକ୍ରା, ୨୨।୩ (ଡି.ଏନ.ଏ)

ନାଁ ତାଙ୍କର ପରମାନନ୍ଦ ନାୟକ। ବୟସ ପାଖାପାଖି ୬୦ ହେବ। ସେ ବଲାଙ୍ଗୀର ଜିଲା ଟିଟିଲାଗଡ ଘୁଡାର ଗାଁର ମୂଳବାସିନ୍ଦା। ପରମାନନ୍ଦ ଅତାବିରା ସହରରେ ପ୍ରାୟ ୪୦ ବର୍ଷ ହେବ ରହିଆସୁଛନ୍ତି। ସହରରେ ଥିବା ଏକାଧିକ ଜଳଖିଆ ଦୋକାନକୁ ପାନୀୟ ଜଳ ଯୋଗାଇବା ତାଙ୍କ କାମ। ସେହି କାମ ହିଁ ତାଙ୍କୁ ପରିଚୟ ଦେଇଛି ବୋଲି ପରମାନନ୍ଦ କୁହନ୍ତି। ତାଙ୍କ ପରିବାର କହିଲେ ସ୍ତ୍ରୀ ଅହଲ୍ୟା ଓ ଗୋଟିଏ ଝିଅ। ଝିଅକୁ ସେ ବିବାହ ଦେଇ ସାରିଛନ୍ତି। ପରମାନନ୍ଦ ୨୦ବର୍ଷରୁ ଟିଟିଲାଗଡରୁ ଅତାବିରାକୁ ଆସି ସେହି ଦିନଠାରୁ ରହିଆସୁଛନ୍ତି। ତାଙ୍କ ସ୍ତ୍ରୀ ମଧ୍ୟ ଅନ୍ୟ ଲୋକଙ୍କ ଘରେ କାମ କରନ୍ତି। ସେଥିରୁ ମିଳୁଥିବା ପାରିଶ୍ରମିକରେ ଦମ୍ପତି ଚଳୁଥିଲେ। କିନ୍ତୁ କିଛି ଦିନ ତଳେ ସ୍ତ୍ରୀ ଅହଲ୍ୟାଙ୍କ ଗୋଡରେ ପଥର ପଡିଯିବାରୁ ସେ ଆଉ କାମ କରିପାରୁ ନାହାନ୍ତି। ଏବେ ପରମାନନ୍ଦ ସହରର ୧୦ଟି ଦୋକାନରେ ପାନୀୟ ଜଳ ଯୋଗାଇ ପାଉଥିବା ପାରିଶ୍ରମିକରେ ଉକ୍ତ ଦମ୍ପତି ଚଳୁଛନ୍ତି। ପରମାନନ୍ଦ ପ୍ରତିଦିନ ଭୋର ସମୟରେ ଭାରରେ ପାଣି ବୋହି ବିଭିନ୍ନ ଦୋକାନକୁ ଯୋଗାନ୍ତି। ଏମିତି ଦିନ ୧୧ଟା ପର୍ଯ୍ୟନ୍ତ ଚାଲେ। ଉପର ବେଳା ବି ସାଢ଼େ ୩ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ପାଣି ଯୋଗାଇଥାନ୍ତି। ଗୋଟିଏ ଭାର ପାଣିରେ ତାଙ୍କୁ ମାତ୍ର ୧୦ ଟଙ୍କା ମିଳେ। ପାନୀୟ ଜଳ ଯୋଗାଇ ଦିନକୁ ୨ଶହରୁ ୩ ଶହ ଟଙ୍କା ରୋଜଗାର କରୁଥିବା ପରମାନନ୍ଦ କୁହନ୍ତି। ଅର୍ଥାଭାବରୁ ସେ ଘରଟିଏ ତିଆରି କରି ପାରିନାହାନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଖଣ୍ଡିଏ ମିଳିଲେ ଭଲ ହୁଅନ୍ତା ବୋଲି ପରମାନନ୍ଦ କହିଛନ୍ତି।



ପରମାନନ୍ଦ ଭାରରେ ପାଣି ବୋହୁଛନ୍ତି।

## ନିଆଁ ଲାଗି ଜଳିଗଲା ୨କାର୍

**ବଲାଙ୍ଗୀର ଅଫିସ, ୨୨।୩:** ବଲାଙ୍ଗୀର ସହର ସମ୍ବଲପୁର ରୋଡ ମାଧ୍ୱଆପାଲିଠାରେ ଥିବା ମାରୁତି ସୁଜୁକି ଶୋରୁମ୍ ଓପନ୍ ପାର୍କିଂଠାରେ ନିଆଁ ଲାଗି ୨ଟି କାର୍ ପୋଡି ଯାଇଛି । ଅପରାହ୍ଣ ୨ଟାରେ କୌଣସି କାରଣରୁ ଏଠାରେ ଅଗ୍ନିକାଣ୍ଡ ଘଟିଥିଲା। ଅନ୍ୟ କାର ଓ ଗାଡିକୁ ଅଗ୍ନିସଂଯୋଗ ହେବା ଆଗରୁ ସୋରୁମ୍ କର୍ମଚାରୀ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ଖବର ପାଇ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା । ଓପନ ପାର୍କିଂ ଅଞ୍ଚଳରେ ବହୁ କାର ରିପାରିଂ ପାଇଁ ରଖାଯାଇଥିଲା। ପାଖରେ ଥିବା ଆବର୍ଜନାରୁ ନିଆଁ ଲାଗିଥିବାରୁ ସେଠାରୁ ପାର୍କିଂ ଏରିଆକୁ କିମ୍ବା ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ହୋଇଥାଇପାରେ ବୋଲି ଅଗ୍ନିଶମ ଅଧିକାରୀ ଶ୍ୟାମ ସୁନ୍ଦର ସିଂ ସୂଚନା ଦେଇଛନ୍ତି ।

## ସଂକ୍ଷେପରେ

### ଚୋରି କମ୍ପ୍ୟୁଟର ଜବତ, ୨ ଗିରଫ

**ପଦ୍ମପୁର, ୨୨।୩ (ଡି.ଏନ.ଏ)-** ପଦ୍ମପୁର ଉପଖଣ୍ଡ ବୁକୁରାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ କମ୍ପ୍ୟୁଟର ସେଟ୍ ଗତ ୯ ତାରିଖରେ ଚୋରି ହୋଇଥିବା ଜଗଦଲପୁର ଥାନାରେ ଅଭିଯୋଗ କରାଯାଇଥିଲା। ଥାନାଧିକାରୀ ଲିଲିମା ଲଳିତା ବାର୍ଲାଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଚୋରି କମ୍ପ୍ୟୁଟର ଜବତ କରିଛି। ଏହି ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଜଗଦଲପୁର ଥାନା ବୁକୁରାମୁଣ୍ଡାର ଅଜୁ ଓରଫ୍ ଅଜୟ ବାରିକ ଓ ପାଇକମାଳ ଥାନା ମହୁଲପାଲି ଗ୍ରାମର ଦିଲୀପ ସାହୁ। ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି ବୋଲି ଥାନାଧିକାରୀ ବାର୍ଲା କହିଛନ୍ତି ।

### ବିଶ୍ୱ ଜଳ ଦିବସ ପାଳିତ

**ନୂଆପଡ଼ା ଅଫିସ, ୨୨।୩-** ନୂଆପଡା ସଦର ବ୍ଲକ ବୁଢିପାଲି ଚେକଡ୍ୟାମଠାରେ ସୋମବାର ବିଶ୍ୱ ଜଳ ଦିବସ ପାଳିତ ହୋଇଛି। ଏହି ଦିବସରେ ସମସ୍ତ ପାଣି ପଞ୍ଚାୟତ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ଅଞ୍ଚଳର ଚାଷୀମାନେ ଉପସ୍ଥିତଥିଲେ। ମୁଖ୍ୟଅତିଥି ଭାବେ ଖଡିଆଳ ମାଇନର ଏରିଗେସନ ବିଭାଗ ମୁଖ୍ୟଯନ୍ତ୍ରୀ ପ୍ରଭାକର ମହାନ୍ତି ଓ ଏସଡିଓ ଲକ୍ଷ୍ମୀକାନ୍ତ ତ୍ରିପାଠୀ ଯୋଗଦେଇ ଜଳ ଖର୍ଚ୍ଚ ନ କରି କେମିତି ସଞ୍ଚୟ କରିବା, ମରୁଡି ମୁକାବିଲା ପାଇଁ ଅଳ୍ପ ପାଣିରେ କେମିତି ଚାଷ ଉତ୍ପାଦନ କରାଯାଇ ପାରିବ ସେହି ଉପରେ ଆଲୋକପାତ କରିଥିଲେ। ଯ୍ୟାର ଅନୁଷ୍ଠାନ ପ୍ରୋଗ୍ରାମ ମ୍ୟାନେଜର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### କୋମନା ବ୍ଲକର ୪ ପଞ୍ଚାୟତ ପୁରସ୍କୃତ

**ନୂଆପଡ଼ା ଅଫିସ, ୨୨।୩-** ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ଲୋକଙ୍କୁ ଠିକ ସମୟରେ କାମ ଦେଇ ଠିକ ସମୟରେ ପାଉଣା ପାଇଥିବାରୁ ଜିଲା ପ୍ରଶାସନ କୋମନା ବ୍ଲକର ୪ଟି ପଞ୍ଚାୟତକୁ ପୁରସ୍କୃତ କରିଛନ୍ତି। କାର୍ଯ୍ୟକ୍ରମରେ ପିଡି ନବୀନ ପଟେଲ ଓ ଜିଲା ପଞ୍ଚାୟତ ଅଧିକାରୀ ବିବେକାନନ୍ଦ ମହାନନ୍ଦ ଏବଂ ଏପିଓ ପ୍ରଦୀପ କୁମାର ଓଝାଙ୍କ ଉପସ୍ଥିତିରେ ପୁରସ୍କାର ପ୍ରଦାନ କରାଯାଇଥିଲା। ସୋସେଙ୍ଗ ପଞ୍ଚାୟତ ପ୍ରଥମ ହୋଇଥିବା ବେଳେ ତରବୋଡ ଦ୍ୱିତୀୟ ଓ ଦେଓଦରା ଏବଂ ଢୋର୍ଲାମୁଣ୍ଡାକୁ ତୃତୀୟ ସ୍ଥାନ ପାଇ ପୁରସ୍କୃତ ହୋଇଛନ୍ତି। ୫ ବ୍ଲକର ବିଡିଓ ଉପସ୍ଥିତ ଥିବା ବେଳେ ଜେଇ ବିରଞ୍ଚି ନାରାୟଣ ଉଦଣ୍ଡ ରାୟ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାନୁ ପ୍ରତାପ ଦଣ୍ଡସେନା, ସନ୍ତୋଷ ଥପା, ଅଶୋକ କଠାର, କୁବେର ଶଗରିଆ ପ୍ରମୁଖ ଉପସ୍ଥିତ ଥିଲେ।

### ତହସିଲଦାରଙ୍କୁ କଂଗ୍ରେସର ଦାବିପତ୍ର

**ବରପାଲି, ୨୨।୩ (ଡି.ଏନ.ଏ)** ଗତ ଖରିଫ ଋତୁ ଧାନ ସଂଗ୍ରହ ବେଳେ ପ୍ରଶାସନିକ ଅବହେଳା ଯୋଗୁ ଟୋକନ ଥାଇ ସୁଦ୍ଧା ଚାଷୀ ଧାନ ବିକ୍ରି କରି ନ ପାରି ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ। ସେହିପରି ରବି ଋତୁ ଧାନ ବିକ୍ରି ପାଇଁ ଚାଷୀଙ୍କ ଉପରେ ଅନାବଶ୍ୟକ ଭାବେ ବିଭିନ୍ନ ସମସ୍ୟା ନୂତନ ପଞ୍ଜୀକରଣ, ଆଧାରକାର୍ଡ, ମାଲଗୁଜାରି ରସିଦକୁ ଅନ୍‌ଲାଇନରେ ଜମା ଆଦି ପ୍ରକ୍ରିୟା ଲଦି ଦିଆଯାଇଛି। ଏହା ଚାଷୀଙ୍କ ପାଇଁ ସମ୍ଭବପର ନୁହେଁ ବୋଲି କଂଗ୍ରେସ ପ୍ରତିକ୍ରିୟା ପ୍ରକାଶ କରିଛି। ଏହି ପରିପେକ୍ଷୀରେ ବ୍ଲକ କଂଗ୍ରେସ ସଭାପତି ଫକୀର ପଧାନ, ହାରାଧନ ମେହେର, ପୂର୍ବତନ ମନ୍ତ୍ରୀ ରିପୁନାଥ ସେଠ, ଅଶ୍ୱିନୀ ରାଉତ, ସୁରେନ୍ଦ୍ର ମେହେର, ସରୋଜ ଭୋଇ ପ୍ରମୁଖ ଜିଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାର ଅକ୍ଷୟ ବାଗଙ୍କୁ ୬ ଦଫା ସମ୍ବଳିତ ଏକ ଦାବିପତ୍ର ସୋମବାର ପ୍ରଦାନ କରିଛନ୍ତି ।

### ଅଭିଯୁକ୍ତଙ୍କୁ ଗିରଫ ଦାବି

**ଭବାନୀପାଟଣା, ୨୨।୩ (ଡି.ଏନ.ଏ.)-** କଳାହାଣ୍ଡି ଜିଲା ମଦନପୁର ରାମପୁର ଥାନା ଅଞ୍ଚଳର ଏକ ସରକାରୀ ହାଇସ୍କୁଲର ନବମ ଶ୍ରେଣୀ ଛାତ୍ରୀଙ୍କୁ ସେହି ସ୍କୁଲର ଶିକ୍ଷକ ବଳାତ୍କାର କରିବା ନେଇ ମ.ରାମପୁର ଥାନାରେ ଗତ ୧୧ ତାରିଖରେ ଅଭିଯୋଗ ହୋଇଥିଲା । ଘଟଣାକୁ ୧୦ ଦିନ ବିତି ଯାଇଥିଲେ ମଧ ପୋଲିସ ଅଭିଯୁକ୍ତଙ୍କୁ ଧରିବାରେ ବିଫଳ ହୋଇଛି। ଅଭିଯୁକ୍ତ ଶିକ୍ଷକଙ୍କୁ ତୁରନ୍ତ ଗିରଫ କରିବା ସହ ପୀଡିତାଙ୍କୁ ଉଚିତ ନ୍ୟାୟ ପ୍ରଦାନ ଦାବିରେ ରବିବାର ଜନଜାଗରଣ ମଞ୍ଚର କର୍ମକର୍ତ୍ତା ଭବାନୀପାଟଣା ସହର ଗାନ୍ଧୀଛକ ନିକଟରେ ବିକ୍ଷୋଭ କରିଥିଲେ। ପ୍ରତିବାଦ ସଭାରେ ସୁରେଶ ମାଝି, ଅଗଷ୍ଟ ନାଏକ, କବିତା ରାଉତ, ସୁବ୍ରତ ଦୀପ ପ୍ରମୁଖ ସାମିଲ ହୋଇଥିଲେ।

# ଏସ୍‌ଏଚ୍‌ଜିଙ୍କୁ ହଟାଇ ପ୍ୟାକ୍ସକୁ ଦାୟିତ୍ୱ

**ବରଗଡ଼ ଅଫିସ୍,୨୨।୩**

- ରବିଋତୁ ପାଇଁ ଚାଷୀ ପଞ୍ଜୀକରଣ
- ବାଦ୍ ପଡ଼ିଲେ ୧୩ ମହିଳା ଏସ୍‌ଏଚ୍‌ଜି
- ହାତରୁ ଖସିଯାଇପାରେ ଧାନ କିଣାବିକା ଦାୟିତ୍ୱ
- ବିଜ୍ଞପ୍ତି ପ୍ରକାଶ ପରେ ବଢ଼ିଲା ଅସନ୍ତୋଷ

ବରଗଡ଼ ଜିଲା ଧାନ ସଂଗ୍ରହ ପ୍ରକ୍ରିୟାରେ ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍‌ଏଚ୍‌ଜି)କୁ ସାମିଲ କରାଯାଇଥିଲା। ବର୍ତ୍ତମାନ ରବିଋତୁ ଧାନ ସଂଗ୍ରହ ପାଇଁ ପ୍ରକ୍ରିୟା ଚାଲିଥିବା ବେଳେ ୧୩ଟି ଏସ୍‌ଏଚ୍‌ଜିଙ୍କୁ ଏଥିରୁ ବାଦ୍ ଦିଆଯାଇଛି। ଅନ୍ୟପକ୍ଷେ ସେହି ଏସ୍‌ଏଚ୍‌ଜି ମାଧ୍ୟମରେ ହୋଇ ଆସୁଥିବା ଚାଷୀଙ୍କ ପଞ୍ଜୀକରଣ, ନବୀକରଣ ଦାୟିତ୍ୱ ନିକଟସ୍ଥ ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ଗୁଡ଼ିକୁ ଦିଆଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ (ଯୋଗାଣ ବିଭାଗ)ର ପତ୍ରସଂଖ୍ୟା-୨୫୧୭ ତା-୧୯।୩।୨୦୨୧ରେ ଏଭଳି ବିଜ୍ଞପ୍ତି ପ୍ରକାଶ ପାଇବା ପରେ ସମ୍ପୃକ୍ତ ମହିଳା ଏସ୍‌ଏଚ୍‌ଜି ଗୁଡ଼ିକ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସେମାନଙ୍କ ହାତରୁ ଧାନ କିଣାବିକା ଦାୟିତ୍ୱ ଖସିଯାଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି । ଏ ସମ୍ପର୍କରେ ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ରଜନୀକାନ୍ତ ଦାଶଙ୍କୁ ପଚାରିବାରୁ ସେ କହିଥିଲେ, ମହିଳା ଏସ୍‌ଏଚ୍‌ଜି ଗୁଡ଼ିକ କରୁଥିବା ଚାଷୀ ପଞ୍ଜୀକରଣ, ନବୀକରଣରେ କିଛି ତ୍ରୁଟି ରହୁଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ସେଥିରେ ସୁଧାର ଆଣିବା ପାଇଁ ଏସ୍‌ଏଚ୍‌ଜି ବଦଳରେ ନିକଟସ୍ଥ ପ୍ୟାକ୍ସଗୁଡ଼ିକୁ ଏହି ଦାୟିତ୍ୱ ଦିଆଯାଇଛି। ସେହିପରି କାହାକୁ ଧାନ ସଂଗ୍ରହ ଦାୟିତ୍ୱ ଦିଆଯିବ, ତାହା ଜିଲା ଧାନ ସଂଗ୍ରହ କମିଟି ବୈଠକରେ ନିଷ୍ପତ୍ତି ହେବ ବୋଲି ଦାଶ କହିଥିଲେ ।

ସୂଚନାଯୋଗ୍ୟ, ବରଗଡ଼ ଜିଲାରେ ୫୮ଟି ପ୍ୟାକ୍ସ ଏବଂ ୧୩ଟି ମହିଳା ଏସ୍‌ଏଚ୍‌ଜି ଧାନ କିଣାବିକା କରିଆସୁଥିଲେ। ଧାନ କିଣାବିକା ଆରମ୍ଭରୁ ସମ୍ପୃକ୍ତ ପ୍ୟାକ୍ସ, ଏସ୍‌ଏଚ୍‌ଜି ଚାଷୀ ପଞ୍ଜୀକରଣ ଓ ନବୀକରଣ ମଧ୍ୟ କରୁଥିଲେ। ଏହି କ୍ରମରେ ଅମ୍ବାଭୋନା ବ୍ଲକର ରାମଦେବୀ, ସାମପାଲିର କେଏଏସ୍ ଫାଉଣ୍ଡେଶନ, ବରପାଲିର ମାଁ କରମସାନୀ, ମାଁ ବୈଷ୍ଣବୀ, ଭଟଲି ବ୍ଲକ କୁରୁମକେଲାର ରାମଦେବୀ, ବିଜେପୁର ବ୍ଲକ ଭଟିଗାଁର ପଦ୍ମାଳୟା, ଝାରବନ୍ଧ ବ୍ଲକ ସାନଦାଦର ଗ୍ରାମର ମାଁ ଗାୟତ୍ରୀ, ମାଁ ବୈଷ୍ଣବୀ, ପାଇକମାଳ ବ୍ଲକ ସୋଢ଼ାର ସିଂହବାହିନୀ, ରାଜବୋଡ଼ାସମ୍ବର ବ୍ଲକ ବୁଢ଼ାମାଳର ମାଁ ସରସ୍ୱତୀ, ମାଁ ସନ୍ତୋଷୀ, ସୋହେଲା ବ୍ଲକ ଗର୍ଭଣାର ବାସୁମତୀ ଓ ଲେବିଡ଼ିର ଜଗନ୍ନାଥ ମହିଳା ଏସ୍‌ଏଚ୍‌ଜିଙ୍କୁ ଧାନ କିଣାବିକା ଦାୟିତ୍ୱ ଦିଆଯାଇଥିଲା। କିନ୍ତୁ ରବିଋତୁ ଧାନ ସଂଗ୍ରହ ପ୍ରକ୍ରିୟା ଚାଲିଥିବା ବେଳେ ଚାଷୀ ପଞ୍ଜୀକରଣ ଓ ନବୀକରଣ ପ୍ରକ୍ରିୟାରୁ ଉକ୍ତ ଏସ୍‌ଏଚ୍‌ଜି ଗୁଡ଼ିକୁ ହଟାଇ ଦିଆଯାଇଛି। ସେମାନଙ୍କ ସ୍ଥାନରେ ଭୁକ୍ତା, କୁମ୍ଭାରୀ, ନାରାୟଣ, ଚଢ଼େଇଗାଁ, ଲାଉମୁଣ୍ଡା, ଝାରବନ୍ଧ, ଡଭା, ପଲସଦା, ଦହିଗାଁ, ପାଣିମୋରା ପ୍ୟାକ୍ସକୁ ଚାଷୀ ପଞ୍ଜିକରଣ, ନବୀକରଣ ଦାୟିତ୍ୱ ଦିଆଯାଇଛି। ଏଭଳି ନିଷ୍ପତ୍ତି ପରେ ସମ୍ପୃକ୍ତ ଏସ୍‌ଏଚ୍‌ଜି ଗୁଡ଼ିକୁ ଆଗାମୀ ଧାନ ସଂଗ୍ରହ ପ୍ରକ୍ରିୟାରେ ଧାନ କିଣାବିକାର ସୁଯୋଗ ଦିଆଯିବ କି ନାହିଁ, ସେ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ଏଭଳି ନିଷ୍ପତ୍ତି ପରେ ସୋମବାର ଉକ୍ତ ଏସ୍‌ଏଚ୍‌ଜିର କର୍ମକର୍ତ୍ତା, ସଭ୍ୟାମାନେ ଜିଲାପାଳ ଏବଂ ମୁଖ୍ୟ ଜିଲା ଯୋଗାଣ ଅଧିକାରୀଙ୍କୁ ଫେରାଦ ହୋଇଥିଲେ ।

# ପ୍ରତି ଥାନାରେ ପୀଡ଼ିତା ସହାୟତା ଅଧିକାରୀ ରହିବେ



ଜିଲା ପୋଲିସ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଅଧିକାରୀ ।

**ନୂଆପଡ଼ା ଅଫିସ, ୨୨।୩**

ନୂଆପଡା ଜିଲା ପୋଲିସ କାର୍ଯ୍ୟାଳୟ ପରିସରରେ ଏସ୍‌ପି ରାହୁଲ ଜୈନଙ୍କ ଅଧ୍ୟକ୍ଷତାରେ ପୀଡ଼ିତା ସହାୟକ ଅଧିକାରୀଙ୍କ ପାଇଁ ଏକ ଅଭିମୁଖିକରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଜିଲାର ପ୍ରତି ଥାନାରେ ପୀଡ଼ିତାମାନଙ୍କୁ ସମସ୍ତ ପ୍ରକାର ସହାୟତା ଓ ପରାମର୍ଶ ଦେବା ପାଇଁ ଏକ ନିର୍ଦ୍ଦିଷ୍ଟ ପୀଡ଼ିତା ସହାୟକ ଅଧିକାରୀ ରହିବେ। ନୂଆପଡା ପୋଲିସ ମୁଖ୍ୟାଳୟ ପାଇଁ ଇନିସପେକ୍ଟର ଏସଜେଆର ମଣି, ଏସଡିପିଓ କାର୍ଯ୍ୟାଳୟ ନୂଆପଡା କନଷ୍ଟେବଲ ରଶ୍ମୀତା ନାୟକ, ଏସଡିପିଓ ଖଡିଆଳ କାର୍ଯ୍ୟାଳୟ ପାଇଁ କନଷ୍ଟେବଲ ବବିତା ପଣ୍ଡା, ନୂଆପଡା ଥାନା ଏସଆଇ ବବିତାରାଣୀ ପୁହାଣ, ଜୋଙ୍କ ଥାନା ଏସଆଇ ଭାରତୀ ନାଏକ, ବେଲଟୁକୁରୀ ଥାନା କନଷ୍ଟେବଲ ଗାୟତ୍ରୀ ଗୌଡ, ଧରକବନ୍ଧା ଥାନା କନଷ୍ଟେବଲ ଅଞ୍ଜୁ ମିଶ୍ର, ଲଖନା ଥାନା କନଷ୍ଟେବଲ ଲତା ମଞ୍ଜରୀ ବାରିକ, କୋମନା ଥାନା ଏସଆଇ ମଞ୍ଜୁଲତା ଖାଡେଙ୍ଗା, ଖଡିଆଳ ଥାନା ଏଏସଆଇ ରେବତୀ ଦୁର୍ଗା, ସିନାପାଲି ଥାନା କନଷ୍ଟେବଲ ରଶ୍ମୀ ସ୍ୱାଇଁ ଓ ବୋଡେନ ଥାନା ପାଇଁ ଏସଆଇ ଗୌରୀ ଜାନିଙ୍କୁ ଦାୟୀତ୍ୱ ଦିଆଯାଇଛି।

# ଜିଲାପାଳଙ୍କୁ ଗ୍ରାମବାସୀଙ୍କ ଫେରାଦ

**ବରଗଡ଼ ଅଫିସ୍/ ଅମ୍ବାଭୋନା,୨୨।୩**

## ରନ୍ଧାଖାଦ୍ୟ ଯୋଗାଣରେ ଅନିୟମିତତା ଅଭିଯୋଗ



ତଦନ୍ତ ଦାବିରେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଦ୍ୱାରୀ ପଞ୍ଚାୟତରେ ଲକ୍‌ଡାଉନ ସମୟରେ ରନ୍ଧାଖାଦ୍ୟ ଯୋଗାଣରେ ବ୍ୟାପକ ଅନିୟମିତତା ହୋଇଛି । ଏଭଳି ଅଭିଯୋଗ ନେଇ ଉକ୍ତ ପଞ୍ଚାୟତର ମାହେଶ୍ୱରୀ ସ୍ୱୟଂ ସହାୟିକା ଗୋଷ୍ଠୀର କର୍ମକର୍ତ୍ତା, ସଭ୍ୟାମାନେ ସୋମବାର ବରଗଡ଼ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ପ୍ରଧାନଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ଏହାର ବିଧିବଦ୍ଧ ତଦନ୍ତ ଏବଂ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ନିବେଦନ କରିଛନ୍ତି । ସୂଚନା ଅନୁସାରେ, କରୋନା ସଂକ୍ରମଣ ଯୋଗୁ ବିଗତ ଦିନରେ ହୋଇଥିବା ଲକ୍‌ଡାଉନ୍, ଶଟ୍ ଡାଉନ୍ ସମୟରେ ଅଞ୍ଚଳର ଅସହାୟ ଲୋକଙ୍କୁ ରନ୍ଧାଖାଦ୍ୟ ଦେବା ପାଇଁ ମାହେଶ୍ୱରୀ ସ୍ୱୟଂ ସହାୟିକା ଗୋଷ୍ଠୀକୁ ଦାୟିତ୍ୱ ଦିଆଯାଇଥିଲା। ଏହି କ୍ରମରେ ଗତବର୍ଷ ଏପ୍ରିଲ ୯ରୁ ମେ ୧୭ତାରିଖ ପର୍ଯ୍ୟନ୍ତ ୨୭ଜଣଙ୍କୁ ଦୁଇ ଓଳି ରନ୍ଧାଖାଦ୍ୟ ଉକ୍ତ ଏସ୍‌ଏଚ୍‌ଜି ପକ୍ଷରୁ ଯୋଗାଇ ଦିଆଯାଇଥିଲା। ଏ ବାବଦକୁ ଉକ୍ତ ଗୋଷ୍ଠୀକୁ ୨ପର୍ଯ୍ୟାୟରେ ଯଥାକ୍ରମେ ୪୦ହଜାର ଏବଂ ୧୨ହଜାର ୭୮୦ ଟଙ୍କା ଦିଆଯାଇଥିଲା। ମାତ୍ର ପଞ୍ଚାୟତ ଅଫିସରେ ମିଥ୍ୟା ବିଲ୍ ଏବଂ ଭାଉଚର୍ କରି ୩ ପର୍ଯ୍ୟାୟରେ ୧ଲକ୍ଷ ୪ହଜାର ୯୪୦ ଟଙ୍କା ଉଠାଣ କରାଯାଇଥିବା ଏସ୍‌ଏଚ୍‌ଜି ମହିଳାମାନେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ଜିଲାପାଳ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ମାହେଶ୍ୱରୀ ସ୍ୱୟଂ ସହାୟିକା ଗୋଷ୍ଠୀର ସମ୍ପାଦିକା ଜୟକୁମାରୀ ବଡ଼େଇଙ୍କ ନେତୃତ୍ୱରେ ଅନ୍ୟ ସଭ୍ୟାମାନେ ସ୍ମାରକପତ୍ର ଦେବା ସମୟରେ ଉପସ୍ଥିତ ଥିଲେ ।

# ରାଜ୍ୟସ୍ତରୀୟ ଜୁନିୟର ରେଡ୍‌କ୍ରସ୍ ତାଲିମ

**ନୂଆପଡ଼ା ଅଫିସ, ୨୨।୩**

ନୂଆପଡା ଜିଲା କୋମନା ଜିତାମିତ୍ର ଉଚ୍ଚ ବିଦ୍ୟାଳୟଠାରେ ୫ମ ଦିବସୀୟ ଜାତୀୟ ଜୁନିୟର ରେଡ୍‌କ୍ରସ୍ ପରାମର୍ଶଦାତା ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇଙ୍କ ନିର୍ଦ୍ଦେଶକ୍ରମେ ଉଦ୍‌ଘାଟନ ଉତ୍ସବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସରୋଜ କୁମାର ବେହେରା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଡା.ତରୁଣ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ କ୍ଷୀରୋଦ କୁମାର ଖମାରୀ, କପିଳେନ୍ଦ୍ର ପାତ୍ର ଓ କ୍ରୀଡା ଶିକ୍ଷା ନିରୀକ୍ଷକ ମହେଶ କୁମାର ଦଣ୍ଡସେନା ଯୋଗଦାନ କରିଥିଲେ। ଶିବିରରେ ୫ ବ୍ଲକରୁ ୩୦ଜଣ ପରାମର୍ଶ ଦାତା ତାଲିମ ଗ୍ରହଣ କରିଛନ୍ତି। ସାଧନ ବ୍ୟକ୍ତି ଭାବେ ରତନ ସିଂ ବାରିକ, ପ୍ରଣବ ପାତ୍ର, ପ୍ରଶାନ୍ତ ପ୍ରଧାନୀ, କୃଷ୍ଣ ଚନ୍ଦ୍ର ପତି ପ୍ରମୁଖ ତାଲିମ ପ୍ରଦାନ କରୁଛନ୍ତି । ଅଶୋକ ମିଶ୍ର, ପରେଶ ଚନ୍ଦ୍ର ପାଣିଗ୍ରାହୀ, କ୍ଷମା ସାଗର ସାହୁ, ଦୟାନିଧି ଚଲାନ, ଶ୍ରୀକାନ୍ତ ରାଉତ, ତୋଳାମଣୀ ନାୟକ ପ୍ରମୁଖ ସହଯୋଗ କରିଛନ୍ତି।

# ଚାଷୀ ସମସ୍ୟା ନେଇ ଦାବିପତ୍ର



ଅତାବିରା ତହସିଲଦାରଙ୍କୁ ଦାବିପତ୍ର ଦିଆଯାଉଛି।

**ଜାମଟିକ୍ରା, ୨୨।୩ (ଡି.ଏନ.ଏ)**

ଚଳିତ ରବି ଋତୁ ଧାନ ବିକ୍ରୟ ପାଇଁ ଚାଷୀ ପଞ୍ଜୀକରଣ ସମସ୍ୟା ସମ୍ପର୍କରେ ସୋମବାର ଅତାବିରା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ତହସିଲଦାର ଦୁର୍ଯ୍ୟୋଧନ ଭୋଇଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଚକଭୁକ୍ତ ହୋଇ ନ ଥିବା ବୁଗବୁଗା ଓ ଜହ୍ନାପଡା ଗ୍ରାମପଞ୍ଚାୟତର ଚାଷୀଙ୍କ ପଞ୍ଜୀକରଣ ସକାଶେ ସ୍ୱତନ୍ତ୍ର ବ୍ୟବସ୍ଥା, ଆଧାରକାର୍ଡ ଲିଙ୍କ୍‌ରେ ସରଳୀକରଣ, ନୂଆ ଜମି କିଣିଥିବା ମାଲିକଙ୍କ ନାମରେ ଆଧାର ଲିଙ୍କ୍ କରାଯାଇ ତାଙ୍କ ଆକାଉଣ୍ଟରେ ଧାନ ବିକ୍ରି ଟଙ୍କା ଜମା କରିବା ଏବଂ ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନରେ ଖଜଣା ଗ୍ରହଣ କରିବା ପାଇଁ ଦାବି କରାଯାଇଥିଲା। ଦାବିପତ୍ର ଦେବା ସମୟରେ ଅତାବିରା ବ୍ଲକ କଂଗ୍ରେସ କମିଟି ସଭାପତି ଦୟାସାଗର ମେଣ୍ଡଲି, ଟାଉନ ସଭାପତି ଅବିନାଶ ପଧାନ, ଅତାବିରାର ପୂର୍ବତନ ବିଧାୟକ ନିହାର ରଞ୍ଜନ ମହାନନ୍ଦ, ଦୀପକ ରାୟ, ମୁକେଶ ଅଗ୍ରୱାଲ, ମନୋଜ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ ।

# ସହରାଞ୍ଚଳ ଜଳଯୋଗାଣକୁ ଗୁରୁତ୍ୱ

**ପଦ୍ମପୁର, ୨୨।୩ (ଡି.ଏନ.ଏ,)**



ସମୀକ୍ଷା ବୈଠକରେ ଉପସ୍ଥିତ ବିଭିନ୍ନ ବିଭାଗର ଅଧିକାରୀ ଏବଂ କର୍ମଚାରୀ ।

ଆଗାମୀ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବରଗଡ଼ ଜିଲା ପଦ୍ମପୁର ସହରାଞ୍ଚଳରେ ପାନୀୟ ଜଳ ଯୋଗାଣକୁ ସୁବ୍ୟବସ୍ଥିତ କରିବା ପାଇଁ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଛି। ସୋମବାର ଏନ୍‌ଏସି କାର୍ଯ୍ୟାଳୟରେ ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସି ଏବଂ ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ପାନୀୟ ଜଳଯୋଗାଣ ଉପରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ବିଷୟରେ ଆଲୋଚନା କରାଯାଇଥିଲା। ସହରାଞ୍ଚଳରେ ଜଳଯୋଗାଣକୁ ସୁନିଶ୍ଚିତ କରିବା ସହିତ ଆବଶ୍ୟକ ସ୍ଥଳେ ବିଭିନ୍ନ ୱାର୍ଡକୁ ଟ୍ୟାଙ୍କର ଯୋଗେ ଜଳଯୋଗାଣ ପାଇଁ ଉପଜିଲାପାଳ ଦରୱାନ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଚଳ ନଳକୂପଗୁଡିକୁ ମରାମତି ସହିତ ଷ୍ଟାଣ୍ଡପୋଷ୍ଟ ଗୁଡିକର ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସହରର ବିଭିନ୍ନ ଛକ ଜାଗାରେ ଜଳଛତ୍ର ଦେବା ପାଇଁ ଆଲୋଚନା ହୋଇଥିଲା। ସ୍ୱଚ୍ଛ ସାଥୀ ଏବଂ ୱାର୍ଡ ଅଫିସରମାନେ ସମ୍ପୃକ୍ତ ୱାର୍ଡର ଜଳଯୋଗାଣ ସମସ୍ୟା ଉପରେ ଅନୁଧ୍ୟାନ କରି ନିର୍ବାହୀ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବୈଠକରେ ବରଗଡ଼ ଜନସ୍ୱାସ୍ଥ୍ୟ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଗୁଣନିଧି ପ୍ରଧାନ, ସହକାରୀ ନିର୍ବାହୀ ଯନ୍ତ୍ରୀ ପଦ୍ମନାଭ ମାଝୀ, ଏନ୍‌ଏସି ନିର୍ବାହୀ ଅଧିକାରୀ ଜୟନ୍ତ ସାହୁ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# କୃଷି ବିଭାଗ ଓ ଆତ୍ମା ପକ୍ଷରୁ ଜହ୍ନୁ ବିଶିଙ୍କୁ ସମ୍ବର୍ଦ୍ଧନା

**ଜୁନାଗଡ, ୨୨।୩ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଚୈଗୁଡା ପଞ୍ଚାୟତ ନୂଆଗୁଡା ଗ୍ରାମର ଜହ୍ନୁ ବିଶିଙ୍କୁ କୃଷି କ୍ଷେତ୍ରରେ ଉତ୍କର୍ଷ ପାଇଁ ଭୁବନେଶ୍ୱରଠାରେ ଆୟୋଜିତ କୃଷି ମହୋତ୍ସବ 'କୃଷି ଓଡ଼ିଶା-୨୦୨୧'ରେ 'କୃତୀ କୃଷକ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ତାଙ୍କର ଏହି ସଫଳତା ପରେ ଜୁନାଗଡ କୃଷି ବିଭାଗ ଓ ଆତ୍ମା ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ସମୟରେ ଜୁନାଗଡ ଆତ୍ମାର ଅଧ୍ୟକ୍ଷ ଅଶୋକ ପଟ୍ଟନାୟକ, ସହକାରୀ କୃଷି ଅଧିକାରୀ ନୌକେଶ୍ୱର ନାଗ, ଗଜାନନ ସାହୁ,ସହକାରୀ ମତ୍ସ୍ୟ ଅଧିକାରୀ ଇନ୍ଦ୍ର ମଣି ଶବର ପ୍ରମୁଖ ଉପସ୍ଥିତ ଥିଲେ।

# ପାନୀୟ ଜଳ ସମସ୍ୟା ନେଇ ଧାରଣା



ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଦିଆଯାଇଥିବା ଧାରଣା।

**ବଲାଙ୍ଗୀର ଅଫିସ, ୨୨।୩**

ବେଲପଡା ବ୍ଲକ ମଧ୍ୱପୁର ଓ ଧୁମାଭଟା ଗ୍ରାମରେ ପାନୀୟ ଜଳସମସ୍ୟା ଲାଗିରହିଛି। ଏହାର ପ୍ରତିବାଦରେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଗଣଧାରଣା ଦିଆଯାଇଥିଲା। ମଧ୍ୱପୁରରେ ଜଳଯୋଗାଣ ପ୍ରକଳ୍ପ ଥିଲେ ବି ଗୋଟିଏ ପଡାକୁ ପାଇପ୍ ପିଛା ହୋଇ ନ ଥିବାରୁ ପଡାବାସୀ ବିରୋଧ କରୁଛନ୍ତି। ଫଳରେ ପାନୀୟ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରୁନାହିଁ । ଧୁମାଭଟାରେ ମଧ ସମାନ ସମସ୍ୟା ଲାଗିରହିଛି । ଓଭରହେଡ୍ ଟାଙ୍କି ନିର୍ମାଣ ସରିଥିଲେ ମଧ ପାଇପ ବିଛା ହୋଇନାହିଁ । ଫଳରେ ୧୦ ୱାର୍ଡ ବିଶିଷ୍ଟ ଏହି ଗାଁର ଲୋକେ ଜଳ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ମଧ୍ୱପୁର ସରପଞ୍ଚ ପ୍ରମିଳା ଭୋଇ, ସମିତି ସଭ୍ୟ ବନିତା ନାଏକଙ୍କ ସହ ଗ୍ରାମବାସୀ ଧାରଣା ଦେଇଥିଲେ ।

# ଚୁକ୍ତି ଅନୁସାରେ ଜମିମୂଲ୍ୟ ଦେଉନି ସୋଲାର ପ୍ଲାଣ୍ଟ

## ଜିଲା ପ୍ରଶାସନର ଦ୍ୱାରସ୍ଥ ମହଲାଇର ଚାଷୀ

**ଦେଓଗାଁ, ୨୨।୩ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମହଲାଇ ପଞ୍ଚାୟତ ଅନ୍ତର୍ଗତ କୁକୁରଖାଇ ନିକଟରେ ପ୍ରତିଷ୍ଠା ହୋଇଥିବା ସୋଲାର ପ୍ଲାଣ୍ଟ ଏବେ ଚାଷୀଙ୍କୁ ଚୁକ୍ତି ଅନୁସାରେ ଜମିମୂଲ୍ୟ ଦେଉନାହିଁ। ପ୍ଲାଣ୍ଟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁନାହିଁ। ଏହିଭଳି ଅଭିଯୋଗ କରି ମହଲାଇ, କୁକୁରଖାଇ, ସର୍ଗିପାଲି ଓ କଟାପାଲି ଗ୍ରାମର ଚାଷୀମାନେ ସୋମବାର ଜିଲା ପ୍ରଶାସନ ନିକଟରେ ଫେରାଦ ହୋଇଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ ସୋଲାରପ୍ଲାଣ୍ଟ ଆରମ୍ଭ ସମୟରେ ଚାଷୀଙ୍କଠାରୁ ଜମି କିଣିବା ପାଇଁ କମ୍ପାନୀ ଏକ ଚୁକ୍ତି କରିଥିଲା । ଚୁକ୍ତିଅନୁସାରେ ଜମି ଏକର ପ୍ରତି ପାଞ୍ଚଲକ୍ଷ ଟଙ୍କା, ସେଥିରୁ ଜମି ରେଜିଷ୍ଟ୍ରେସନ ସମୟରେ ୨ଲକ୍ଷ ଲେଖାଏ ଓ ଏକମାସ ମଧ୍ୟରେ ବକେୟା ୩ଲକ୍ଷ ଲେଖାଏ ଦିଆଯିବ । ଏହାବାଦ ଶାଳଗଛ ପ୍ରତି୧୦ ହଜାର ଓ ମହୁଲ ଗଛ ପ୍ରତି ୫ହଜାର ଓ ଅନ୍ୟାନ୍ୟ ଗଛ ପ୍ରତି ୩ ହଜାର ଲେଖାଏ ଦେବାର ଚୁକ୍ତି ହୋଇଥିଲା । ହେଲେ କମ୍ପାନୀ ଏ ପର୍ଯ୍ୟନ୍ତ ଟଙ୍କା ଦେବାର ପ୍ରତିଶୃତି ଦେଇ ଦିନ ଗଡାଇ ଚାଲିଥିବା ଚାଷୀ ତ୍ରିନାଥ ତ୍ରିପାଠୀ, ପ୍ରେମନିଧି ବେହେରା, ଲୋକନାଥ ଦିଶ୍ରୀ, ଜଗନ୍ନାଥ ତ୍ରିପାଠୀ, ଉଦ୍ଧବ ତ୍ରିପାଠୀ, ଗୋପିନାଥ ତ୍ରିପାଠୀ ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ନେଇ ପଞ୍ଚାୟତରେ ଏକ ଗ୍ରାମସଭା ଅନୁଷ୍ଠିତ କରି ସମାଧାନର ବାଟ ବାହାର କରିବା ପାଇଁ ସରପଞ୍ଚ ତନୁଜା ସାହୁଙ୍କୁ ମଧ ଲିଖିତଭାବେ ଅବଗତ କରିଥିବା ସୂଚନା ଦେଇଛନ୍ତି । କମ୍‌ଦିନ ମଧ୍ୟରେ ଜିଲା ପ୍ରଶାସନ ପଦକ୍ଷେପ ଗ୍ରହଣ ନକଲେ ସମସ୍ତ ଚାଷୀ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧହେବୁ ବୋଲି ଚେତାବନୀ ଦେଇଛନ୍ତି ।

# ଲୁଟ୍ ଘଟଣାର ତଦନ୍ତ ବେଳେ ନକଲି ନୋଟ୍ ଠାବ

**ବରଗଡ଼ ଅଫିସ୍/ସୋହେଲା, ୨୨।୩(ଡି.ଏନ.ଏ)**

- ଛେଳି ବ୍ୟବସାୟୀଙ୍କଠାରୁ ହୋଇଥିଲା ଲୁଟ୍
- ଲୁଟ୍ ହୋଇଥିବା ୩ ଲକ୍ଷ ୩୩ ହଜାର ଉଦ୍ଧାର, ୬ ଗିରଫ
- ମାଉଜର, ଅନ୍ୟ ମାରଣାସ୍ତ୍ର ଜବତ



ଗିରଫ ୬ ଅଭିଯୁକ୍ତ ।

ବରଗଡ଼ ଜିଲା ସୋହେଲା-ପଦ୍ମପୁର ବିଜୁ ଏକ୍ସପ୍ରେସ ୱେର ଇଚ୍ଛାପାଲି ଓ ସରଧାପାଲି ରାସ୍ତାରେ ଛେଳି ବ୍ୟବସାୟୀଙ୍କଠାରୁ ଲୁଟ୍ ଘଟଣାର ପର୍ଦ୍ଦାଫାଶ ହୋଇଛି। ଏହି ଘଟଣାର ତଦନ୍ତ ସମୟରେ ପୋଲିସ ନକଲି ନୋଟ୍ ଠାବ କରିଛି। ଉଭୟ ଘଟଣାରେ ପୋଲିସ ୬ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କୁଟିପାଲିର ପିଣ୍ଟୁ ଖାନ, ବାଟତେରମାର ବିବେକାନନ୍ଦ ମେହେର, ଆଲୋକ କୁମ୍ଭାର, ଲହଙ୍ଗେର ଗ୍ରାମର ଦୁଇଭାଇ ଯୋଗେଶ୍ୱର ଓରଫ ଝୁନା ପ୍ରଧାନ ଓ ମୁନା ଏବଂ ଗାଇସିଲେଟ ଥାନା ଖଲାବାହାଲ ଗ୍ରାମର ଲବ ମେହେର। ସେମାନଙ୍କ ପାଖରୁ ୩ଲକ୍ଷ ୩୩ହଜାର ଟଙ୍କା, ଏକ ବାଇକ୍, ଦେଶୀ ମାଉଜର, ୭ଟି ମୋବାଇଲ, ଛୁରି ଏବଂ ବାଡ଼ି ଜବତ କରାଯାଇଛି ।

ସୋହେଲା ଥାନାରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପଦ୍ମପୁର ଏସ୍‌ଡ଼ିପିଓ ପ୍ରଦୀପ କୁମାର ସାହୁ ସୂଚନା ଦେଇ କହିଥିଲେ, ଗତ ୧୦ତାରିଖରେ ବରଗଡ଼ର ଛେଳି ବ୍ୟବସାୟୀ ମହମ୍ମଦ ମୋସିନ ଓ ତାଙ୍କ ସମ୍ପର୍କୀୟ ରାହୁଲ ଖାନ ପଦ୍ମପୁର, ବିଜେପୁର ଏବଂ ଘେଁସ ଅଞ୍ଚଳରୁ ଛେଳି ବେପାରୀଙ୍କଠାରୁ ୩ଲକ୍ଷ ୩୩ହଜାର ଟଙ୍କା ସଂଗ୍ରହ କରି ଏକ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ଅଭିଯୁକ୍ତମାନେ ବାଟରେ ଆକ୍ରମଣ କରି ସେମାନଙ୍କଠାରୁ ସମସ୍ତ ଟଙ୍କା, ମୋବାଇଲ ଲୁଟି ଫେରାର ହୋଇ ଯାଇଥିଲେ। ଏ ନେଇ ମୋସିନ ସୋହେଲା ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା (ନଂ.୪୨/୨୧) ରୁଜୁ କରି ତଦନ୍ତ ଚଳାଇଥିଲା। ତଦନ୍ତ ବେଳେ ଅଭିଯୁକ୍ତ ପିଣ୍ଟୁ ଘଟଣାର ମାଷ୍ଟର ମାଇଣ୍ଡ ଥିବା ଜଣାପଡ଼ିଥିଲା ଏବଂ ତାଙ୍କୁ ଜେରା କରାଯିବାରୁ ଅନ୍ୟ ଅଭିଯୁକ୍ତମାନେ ଧରାପଡ଼ିଥିଲେ। ପୋଲିସ ତଦନ୍ତ କରିବା ସମୟରେ ଅଭିଯୁକ୍ତ ଆଲୋକଙ୍କ ପାଖରୁ ୧ଲକ୍ଷ ଟଙ୍କା ନକଲି ନୋଟ୍ ପାଇଥିଲା ଏବଂ ମୁନାଙ୍କଠାରୁ ମଧ୍ୟ ନକଲି ନୋଟ୍ ଜବତ କରିଥିଲା। ସେହିପରି ଅଭିଯୁକ୍ତ ଝୁନାଙ୍କୁ ଘରେ ଆଶ୍ରୟ ଦେଇଥିବା ଯୋଗୁ ଲବଙ୍କୁ ଗିରଫ କରାଯାଇଥିବା ଏସ୍‌ଡ଼ିପିଓ ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀରେ ସୋହେଲା ଥାନା ଆଇଆଇସି ନିର୍ମଳ କୁମାର ମହାପାତ୍ର ଏବଂ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ ।

## କୋଇଲା ଗାଡ଼ି ଧକ୍କାରେ ଯୁବକ ଗୁରୁତର

ବ୍ରଜରାଜନଗର, (ଡି.ଏନ୍.ଏ.)- ଗାନ୍ଧୀ ଛକଠାରୁ ଭଡବଙ୍ଗଳା ଛକ ମଧରେ ସୋମବାର ଏକ କୋଇଲା ଗାଡି ଧକ୍କାରେ ଜଣେ ଯୁବକ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। କୋଇଲା ଗାଡ଼ି ଚାଳକଙ୍କୁ ଲୋକେ ଧରି ପୋଲିସ ଜିମା ଦେଇଛନ୍ତି। ଘଟଣା ପରେ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ପୋଲିସ ଧକ୍କା କରିଥିବା ଓଡି୨୩ଏଫ-୫୯୭୬ ଗାଡ଼ି ଓ ଗୁରୁତର ଥିବା ବ୍ୟକ୍ତିଙ୍କ ଗାଡି ଓଡି୨୩ ଡି- ୬୩୬୮କୁ ଜବତ କରିଛି। କୋଇଲା ଗାଡି ଚାଳକମାନେ ଦ୍ରୁତ ଗତି ଗାଡି ଚାଳନା କରୁଥିବାବେଳେ ପୋଲିସ କାହିଁକି ପଦକ୍ଷେପ ନେଉନାହିଁ ବୋଲି ସ୍ଥାନୀୟ ଲୋକେ ପୋଲିସ ଏଏସ୍ଆଇ କ୍ଷୀରୋଦ ବାଗଙ୍କୁ ପ୍ରଶ୍ନ କରି ଘେରିଥିଲେ।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ରାଜ୍ୟସ୍ତରୀୟ ଖେଳ ଶିକ୍ଷକଙ୍କ ସନ୍ତରଣ ପ୍ରଶିକ୍ଷଣ ଶିବିର, ଡା. ଝସକେତନ ସାହୁ ସନ୍ତରଣାଗାର, ସକାଳ ୮ଟା ।
- ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରଶିକ୍ଷଣ ଶିବିର, ଭିଏସ୍ଏସ୍ ଇଣ୍ଡୋର ଷ୍ଟାଡିୟମ, ସକାଳ ୮ଟା ।
- ନିଫା ପକ୍ଷରୁ ରକ୍ତଦାନ ଶିବିର, ସହଯୋଗନଗର ହମଟି ଡମଟି ସ୍କୁଲ, ପୂର୍ବାହ୍ନ ୯ଟା
- ଶହୀଦ ଦିବସ ଉପଲକ୍ଷେ ରକ୍ତଦାନ ଶିବିର, ହୀରାକୁଦ କଲୋନୀସ୍ଥିତ ରୋଟାରି କ୍ଲବ, ପୂର୍ବାହ୍ନ ୯ଟା ।
- ଶ୍ରୀ କଲଚରାଲ ଆସୋସିଏଶନ ପକ୍ଷରୁ ଗାନ୍ଧୀଙ୍କ ଓଡ଼ିଶା ନାଟକ ମଞ୍ଚସ୍ଥ, ଝାଡୁଆପଡା ଆରଣ୍ୟକ ମଞ୍ଚ, ସନ୍ଧ୍ୟା ସାଢ଼େ ୬ଟା ।

## ସଂକ୍ଷେପରେ

### ଯୁବକଙ୍କୁ ହତ୍ୟା ଘଟଣା: ଅଭିଯୁକ୍ତ କୋର୍ଟ ଚାଲାଣ

**ସମ୍ବଲପୁର, ୨୨।୩ (ବ୍ୟୁରୋ)-** ସମ୍ବଲପୁର ଧନୁପାଲି ଥାନା ସର୍ଲାକାନୀ ଗାନ୍ଧୀପଡାର ଗଣେଶ ଓରାମ (୨୫)ଙ୍କୁ ହତ୍ୟା ଘଟଣାରେ ପୋଲିସ ସୁନାପାଲିର ଶେକ ୱାସିମ୍ ଅଲ୍ଲି (୨୬)ଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ତାଙ୍କଠାରୁ ବ୍ୟବହୃତ ଛୁରି ଓ ବାଇକ୍ ଜବତ ହୋଇଛି। ସୂଚନାଯୋଗ୍ୟ ଗତ ଶନିବାର ରାତିରେ ଗଣେଶ ଓ ଲବ ଏକ ଦୋକାନ ସମ୍ମୁଖରେ ଛିଡାହୋଇଥିବାବେଳେ ୱାସିମ୍ ବାଇକ୍ (ଓଡି୧୫ କେ- ୭୭୬୯) ଯୋଗେ ଦ୍ରୁତଗତିରେ ଆସିଥିଲେ। ଏହାକୁ ନେଇ ୱାସିମ ଓ ଗଣେଶଙ୍କ ମଧରେ ବଚସା ହୋଇଥିଲା। ଏଥିରେ ରାଗିଯାଇ ୱାସିମ ଗଣେଶ ଓ ଲବଙ୍କୁ ଅତର୍କିତ ଭାବେ ଛୁରିରେ ଆକ୍ରମଣ କରିଥିଲେ। ପୋଲିସ ଗୁରୁତର ଅବସ୍ଥାରେ ଉଭୟଙ୍କୁ ଜିଲା ସଦର ଡାକ୍ତରଖାନାକୁ ନେଇଥିଲା। ସେଠାରେ ଗଣେଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ଲବଙ୍କ ଅବସ୍ଥା ଗୁରୁତର ଥିବାରୁ ବୁର୍ଲା ଭିମ୍‌ସାରକୁ ସ୍ଥାନାନ୍ତର କରିଥିଲେ।

### ନାଟ୍ ନାଟୁଆର ପ୍ରସ୍ତୁତି ବୈଠକ

**ସମ୍ବଲପୁର, ୨୨।୩ (ବ୍ୟୁରୋ)-** ବିଶ୍ୱ ନାଟ୍ୟ ଦିବସ ଉପଲକ୍ଷେ ସମ୍ବଲପୁର ନାଟ୍ ନାଟୁଆ ପକ୍ଷରୁ ପ୍ରସ୍ତୁତି ବୈଠକ ରବିବାର ସନ୍ଧ୍ୟାରେ କଳାକେନ୍ଦ୍ର ସଭା କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ମହାନଗର ଅଞ୍ଚଳର ନାଟ୍ୟ ଦଳକୁ ନେଇ ଗଠିତ ନାଟ୍ ନାଟୁଆ ସଂଯୋଜକ ସୂର୍ଯ୍ୟ ପାଣିଗ୍ରାହୀ ଏଥିରେ ଅଧକ୍ଷତା କରିଥିଲେ। ଆସନ୍ତା ୨୭ ତାରିଖ ବିଶ୍ୱ ନାଟ୍ୟ ଦିବସରେ କିପରି କାର୍ଯ୍ୟକ୍ରମ କରାଯିବ ସେ ନେଇ ଆଲୋଚନା ହୋଇଥିଲା। ସୁଜର୍ନୀ ଅନୁଷ୍ଠାନର ଦୀପକ କୁମାର ପଣ୍ଡା, କଳା କେନ୍ଦ୍ର ନିର୍ଦ୍ଦେଶକ ବିପିନ ବିହାରୀ ଦାଶ, ଜନନାଟ୍ୟ ମଞ୍ଚର ପ୍ରଫୁଲ୍ଲ ରଥ, ଯୁବ ଉଦୟନର ଡ. ସିର୍ଦ୍ଧାଥ ପଣ୍ଡା ନାଟ୍ୟ ଆନ୍ଦୋଳନକୁ କିପରି ସୁଦୃଢ଼ କରାଯିବ ସେ ନେଇ ମତ ରଖିଥିଲେ। ଦିବଂଗତ ନାଟ୍ୟରଥି ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କୁ ମରଣୋତ୍ତର ନାଟ୍ୟ ସମ୍ମାନରେ ସମ୍ମାନିତ କରିବାକୁ ନିଷ୍ପତ୍ତି ହୋଇଥିଲା। ନାଟ୍ ନାଟୁଆ ଅନ୍ୟତମ ସଂଯୋଜକ ଅତିଶ କୁମାର ଶତପଥୀ ସୂଚନା ପ୍ରଦାନ କରିଥିଲେ। ହୀରାକୁଦର ଅସିତ କୁମାର ଆଚାର୍ଯ୍ୟ, ମାହେଶ୍ୱରୀ ପ୍ରସାଦ ପାଣିଗ୍ରାହୀ, ମନୋଜ ବେହେରା, ପ୍ଲାବନ ମିଶ୍ର, ପ୍ରଦୀପ କୁମାର ମିଶ୍ର, ବୈକୁଣ୍ଠ ନାଥ ଶତପଥୀ, ଲକ୍ଷ୍ମୀ ମାହାଣା ଆଲୋଚନାରେ ଭାଗ ନେଇଥିଲେ। ବୀରୁପାକ୍ଷ ପ୍ରଧାନ ଧନ୍ୟବାଦ ଦେଇଥିଲେ।

### ମୋ କଲେଜ ଅଭିଯାନରେ ଦୁଇ କଲେଜ ସାମିଲ

ଝାରସୁଗୁଡା ଅଫିସ୍,୨୨।୩
ଝାରସୁଗୁଡା ଲକ୍ଷ୍ମୀନାରାୟଣ କଲେଜରେ ମୋ କଲେଜ ଅଭିଯାନର ଶୁଭାରମ୍ଭ ହୋଇଛି। ଏଥିରେ ଅଧ୍ୟକ୍ଷ ରବିନ୍ଦ୍ର କୁମାର ଦେବତା ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ କଲେଜର ବିକାଶ ପାଇଁ ହାତକୁ ହାତ ମିଳାଇ ଆଗକୁ ଆସିବା ପାଇଁ ଆହ୍ୱାନ ଦେଇଥିଲେ। ଏଥିରେ ପୂର୍ବତନ ଛାତ୍ର ସଂସଦ ସଭାପତି ସନ୍ଦିପ ଅଗସ୍ତୀ, ପ୍ରଫେସର ଟହଲୁ ସାହୁ, ପୂର୍ବତନ ଛାତ୍ର ତାପସରାୟ ଚୌଧୁରୀ, ପୂର୍ବତନ ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ବେହେରା, ବାର୍ ଆସୋସିଏଶନ ସଭାପତି ତ୍ରିନାଥ ଗୁଆଲ, ସୁରେନ୍ଦ୍ର ହୋତା, ପ୍ରଦୀପ କୁମାର ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାଧ୍ୟାପକ ସରୋଜ କୁଅଁର ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଲଖନପୁର ବ୍ଲକ କୁମ୍ଭାରବନ୍ଧ ପଞ୍ଚାୟତ ଆଞ୍ଚଳିକ ଡିଗ୍ରୀ କଲେଜରେ ମୋ କଲେଜ ଅଭିଯାନର ଶୁଭାରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି କଲେଜ ଅଧ୍ୟକ୍ଷ ରାଜ କିଶୋର ବିଶ୍ୱାଳ ଉଦ୍‌ଘାଟନ କରିଥିଲେ।

# ଏକତାକୁ ଭାଙ୍ଗି ଭାଷା ବିବାଦ କରାଯାଉଛି

**ପଶ୍ଚିମାଞ୍ଚଳ ଏକତା ମଞ୍ଚର ଅଭିଯୋଗ**
■ଏପ୍ରିଲ ୧ରେ ପ୍ରତୀକାତ୍ମକ ବିରୋଧ

ସମ୍ବଲପୁର,୨୨।୩ (ବ୍ୟୁରୋ)

ସମ୍ବଲପୁରୀ କେବଳ ଏକ ଭାଷାରେ ସୀମିତ ରହିନାହିଁ। ସମ୍ବଲପୁରୀ ବାନ୍ଧକଳା, ଗୀତ, ନୃତ୍ୟ, ସଙ୍ଗୀତ, ବିଭିନ୍ନ କଳା ଦେଶ ବିଦେଶରେ ପହଞ୍ଚି ସାରିଛି। ସମ୍ବଲପୁରୀ ଭାଷାରେ ଗୀତ ଓ ବାନ୍ଧକଳା ପାଇଁ ପଦ୍ମଶ୍ରୀ ଭଳି ସମ୍ମାନ ପାଇଛନ୍ତି। ଶହ ଶହ ବର୍ଷରୁ ଏହି ଭାଷା ପ୍ରଚଳିତ ରହିଛି। ହେଲେ ଏବେ କେତେକ ରାଜନେତା, ବୁଦ୍ଧିଜୀବୀ ଏହି ଭାଷା ସହିତ ଆଉ ଏକ ଶବ୍ଦ ଯୋଡି ଦେଉଛନ୍ତି। ଏଥିରେ ସେମାନଙ୍କ ମନ୍ଦ ଉଦ୍ଦେଶ୍ୟ ରହୁଛି। ଏହା ଦ୍ୱାରା ପଶ୍ଚିମଓଡିଶାର ଏକତାକୁ ଭାଙ୍ଗିଦେବାକୁ ଚେଷ୍ଟା କରାଯାଉଛି ବୋଲି ପଶ୍ଚିମାଞ୍ଚଳ ଏକତା ମଞ୍ଚ ଅଭିଯୋଗ କରିଛି।

ସୋମବାର ଏଠାରେ ଅନୁଷ୍ଠିତ ଖବରଦାତା ସମ୍ମଳନୀରେ ମଞ୍ଚର କର୍ମକର୍ତ୍ତା ଦର୍ଶାଇଛନ୍ତି, ଭାଷା, ସଂସ୍କୃତି, ସାହିତ୍ୟ, ପରମ୍ପରା, ଐତିହ୍ୟକୁ ପ୍ରଚାର ପ୍ରସାର ଓ ସୁରକ୍ଷା ପାଇଁ ପଶ୍ଚିମାଞ୍ଚଳ ଏକତା ମଞ୍ଚ କାର୍ଯ୍ୟ କରିଆସୁଛି। କିଛିଦିନ ହେବ ରାଜ୍ୟ ଓ କେନ୍ଦ୍ର ସରକାର ଭାଷାକୁ ନେଇ ରାଜନୀତି କରୁଛନ୍ତି। ରାଜ୍ୟ ସରକାର ସମ୍ବିଧାନ ଅଷ୍ଟମ ଅନୁଚ୍ଛେଦରେ ସ୍ଥାନ ଦେବା ପାଇଁ କେନ୍ଦ୍ର ପାଖରେ ଦାବି କରିଛନ୍ତି। ଯଦି ସମ୍ବଲପୁରୀ ଭାଷାକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି ତା'ହେଲେ ରାଜ୍ୟ ସରକାର ରାଜ୍ୟର ଦ୍ୱିତୀୟ ଭାଷାର ମାନ୍ୟତା ଦିଅନ୍ତୁ। ସମ୍ବଲପୁରୀ ଭାଷାର ସ୍ୱତନ୍ତ୍ର ପରିଚୟ ରହିଛି। ତେଣୁ ଏହି ଭାଷା ସାଥିରେ ଅନ୍ୟ ଶବ୍ଦ ଯୋଡି ବ୍ୟବହାର କରନ୍ତୁ ନାହିଁ। ଏହା କରି ସମ୍ବଲପୁରୀ ଭାଷାର ପ୍ରଚାର ପ୍ରସାର କରିଥିବା ସେହି ମହାନ ବ୍ୟକ୍ତିଙ୍କୁ ଅପମାନ କରା ନ ଯାଉ। ପଶ୍ଚିମ ଓଡ଼ିଶାର ଏକତା ଥିବା ଅନେକ ଉଦାହରଣ ରହିଛି। ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜନ୍ମତିଥିରେ ବିଭିନ୍ନ ସ୍ଥାନରେ ସମ୍ବଲପୁରୀ ଦିନ ପାଳନ କରାଯାଉଛି। ଦେଶ ବାହାରେ ମଧ ସମ୍ବଲପୁରୀ ଦିନ ପାଳନ କରାଯାଇଛି। ତେଣୁ ଏହି ଏକତାକୁ ଭାଙ୍ଗିବାକୁ ଅପଚେଷ୍ଟା କରାଯାଉଛି ବୋଲି ଅଭିଯୋଗ କରିଛନ୍ତି। ଏହା ସହ ଏପ୍ରିଲ ୧ରେ ବିଭିନ୍ନ ଜିଲାରେ ପ୍ରତୀକାତ୍ମକ ବିରୋଧ ପ୍ରଦର୍ଶନ କରାଯିବ ବୋଲି ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଆବାହକ ଭାବନୀ ଭୋଇ, ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି, ସଂଯୋଜିକା ପଙ୍କଜିନି ମେହେରଙ୍କ ସମେତ କାନ୍ତି ମେହେର, ସନ୍ତୋଷ କୁମାର ବଡେଇ, ସଦାନନ୍ଦ ପଣ୍ଡା, ରାହୁଲ ଗୁପ୍ତା, ଅଭିଷେକ ମହାରଣା, ଶଙ୍କର ମେହେର, ରଜେଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ପଶ୍ଚିମାଞ୍ଚଳ ଏକତା ମଞ୍ଚର କର୍ମକର୍ତ୍ତା।

# ଏସ୍ଏମ୍ସି କର୍ମଚାରୀଙ୍କ ବିକ୍ଷୋଭ

**ନିୟମିତ କରି ସମସ୍ତ ସୁବିଧା ଦିଆଯାଉ**

ସମ୍ବଲପୁର,୨୨।୩ (ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ (ଏସ୍ଏମ୍ସି)ର ସଫେଇ କର୍ମଚାରୀ ବିଭିନ୍ନ ଦାବି ନେଇ ସୋମବାର ରାଲି ଓ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପରେ ଜିଲାପାଳ ଶୁଭମ୍ ସକସେନାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନେ ଦର୍ଶାଇଛନ୍ତି, ପରିବେଶ ଓ ସହରକୁ ସ୍ୱଚ୍ଛ ରଖିବାରେ ସଫେଇ କର୍ମଚାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ଅସ୍ଥାୟୀ କର୍ମଚାରୀଙ୍କୁ ଖାଲି ଥିବା ପଦବୀରେ ନିଯୁକ୍ତି, ଅବସର ଗ୍ରହଣ କିମ୍ବା ମୃତ୍ୟୁ ଘଟିଥିବା କର୍ମଚାରୀଙ୍କ ପରିବାରକୁ ସହାୟତା, ମଜୁରି ବୃଦ୍ଧି, ଇଏସ୍ଆଇ ସୁବିଧା, ସଫେଇ କର୍ମଚାରୀଙ୍କୁ ଡ୍ରେସ୍, ଶାଢି ତଥା ଅନ୍ୟାନ୍ୟ ସୁରକ୍ଷା ସାମଗ୍ରୀ ପ୍ରଦାନ, କର୍ମଚାରୀଙ୍କ ସମସ୍ୟା ସମାଧାନ ପାଇଁ ରିଡ୍ରେସାଲ ଫୋରମ ଗଠନ, କାର୍ଯ୍ୟରତ କର୍ମଚାରୀଙ୍କୁ ଅଭିଜ୍ଞ ସାର୍ଟିଫିକେଟ ପ୍ରଦାନ ଆଦି ଦାବି କରିଥିଲେ। ସଂଘ ସଭାପତି ପ୍ରଶାନ୍ତ କୁମାର ପାଢୀଙ୍କ ନେତୃତ୍ୱରେ ମହାନଗର ନିଗମ ଅଫିସରୁ ଏକ ରାଲି ବାହାରି ଜିଲାପାଳଙ୍କ ଅଫିସରେ ପହଞ୍ଚିଥିଲା।



ସମ୍ବଲପୁର ଏସଏମସି ସଫେଇ କର୍ମଚାରୀଙ୍କ ବିକ୍ଷୋଭ ପ୍ରଦର୍ଶନ ।

# ସ୍କୁଲରୁ ଚୋରି ସାମଗ୍ରୀ ଜବତ, ୫ ଗିରଫ

ଝାରସୁଗୁଡ଼ା ଅଫିସ,୨୨।୩

ଝାରସୁଗୁଡ଼ା ଥାନା ଦୁର୍ଲଗା ସରକାରୀ ୟୁପି ସ୍କୁଲରୁ ଚୋରି ହୋଇଥିବା ଲକ୍ଷାଧିକ ଟଙ୍କାର ସାମଗ୍ରୀକୁ ପୋଲିସ ଜବତ କରିଛି । ଏଥିରେ ସମ୍ପୃକ୍ତ ୫ଜଣଙ୍କୁ ଗିରଫ କରାଯାଇ ସୋମବାର କୋର୍ଟ ଚାଲାଣ କରାଯାଇଛି। ଜଣେ ଅଭିଯୁକ୍ତ ନାବାଳକ ରହିଥିବାରୁ ତାଙ୍କୁ ରାଉରକେଲା ଅବଜରଭେଶନ ଗୃହକୁ ପଠାଯାଇଛି। ଗିରଫମାନେ ହେଲେ ଏକାତାଳି ଗ୍ରାମର ସୁନିଲ କୁମାର ପଟେଲ, ଲକ୍ଷ୍ମଣ ମେହେର, ଓଏମ୍‌ପି ଚେକ୍‌ଗେଟ୍‌ର ନିଜାମ ୟାସିନ୍, ବନ୍ଧେ ଛକର ପ୍ରକାଶ ଦାସ ଓ ପୁରୁଣାବସ୍ତିର ମାଧବ ଦାସ। ୩ ଅଭିଯୁକ୍ତଙ୍କ ନାମରେ ହତ୍ୟାକାଣ୍ଡ, ଚୋରି ଆଦି ମାମଲା ରହିଛି ବୋଲି ଏସ୍‌ପି ବିକାଶ ଚନ୍ଦ୍ର ଦାସ ସୋମବାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଦୁର୍ଲଗା ସରକାରୀ ୟୁପି ସ୍କୁଲ୍‌ରେ ଗତ ମାସରେ ଚୋରି ହୋଇଥିବା ନେଇ ପ୍ରଧାନ ଶିକ୍ଷକ ପୋଲିସରେ ଅଭିଯୋଗ କରିଥିଲେ। ଝାରସୁଗୁଡା ଟାଉନ୍ ଥାନାରେ ଫେବୃୟାରୀ୧୭ତାରିଖରେ ୮୬ନଂରେ ଏକ କେସ୍ ହୋଇଥିଲା। ଏସ୍‌ଡିପିଓ କୈଳାସ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ତାଳପଟିଆ ଫାଣ୍ଡି ଅଧିକାରୀ କଲ୍ୟାଣୀ ବେହେରା ପ୍ରମୁଖ ପୋଲିସ ଅଧିକାରୀଙ୍କୁ ଏକ ସ୍କ୍ୱାଡ୍ ଗଠନ ହୋଇଥିଲା। ସ୍କ୍ୱାଡ୍ ବିଭିନ୍ନ ସ୍ଥାନରେ ଚଢାଉ କରି ଚୋରି ହୋଇଥିବା ୭ କମ୍ପ୍ୟୁଟର, ଗ୍ୟାସ୍ ଷ୍ଟୋଭ୍, ଗ୍ୟାସ୍ ସିଲିଣ୍ଡର, କାଛଘଣ୍ଟା ସହିତ ଚୋରିରେ ବ୍ୟବହୃତ ଓଡି୨୩ଜେ୪୧୭୮ ଅଟୋରିକ୍ସା ଜବତ କରିଛି।


ଖବରଦାତା ସମ୍ମିଳନୀରେ ହାଜର ହୋଇଥିବା ଅଭିଯୁକ୍ତମାନେ ।

## ବନ୍ଧବାହାଲ ସମଲେଇ ମନ୍ଦିରର ପ୍ରତିଷ୍ଠା ଉତ୍ସବ

ଝାରସୁଗୁଡା ଅଫିସ୍,୨୧।୩

ଝାରସୁଗୁଡା ଜିଲା ଲଖନପୁର ବ୍ଲକ ବନ୍ଧବାହାଲ ସମଲେଇ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏ ନେଇ ଗତ ଗୁରୁବାର ଅଧିବାସ, ଶୁକ୍ରବାର ନାମ ଆରମ୍ଭ ସହିତ ଗଣେଶ ବିଗ୍ରହ ସ୍ଥାପନ, ଶନିବାର ପୂର୍ଣ୍ଣାହୁତି, ମନ୍ଦିର ପରିକ୍ରମା, ଦଧିଭାଣ୍ଡ ଭଞ୍ଜନ, ନଗର କୀର୍ତ୍ତନ ଓ ମହାପ୍ରସାଦ ସେବନ ଆଦି କାର୍ଯ୍ୟକ୍ରମ ହୋଇଥିଲା। ବିଗ୍ରହ ପ୍ରତିଷ୍ଠା ଉତ୍ସବରେ ଶୁଭେନ୍ଦୁ ମହାପାତ୍ର ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ସେହିପରି ଅଷ୍ଟପ୍ରହର ନାମଯଜ୍ଞରେ ଦେବାନନ୍ଦ ପ୍ରଧାନ ଓ ତାଙ୍କ ସ୍ତ୍ରୀ ଲିତେଶ୍ୱରୀ କର୍ତ୍ତା ଥିଲେ। ପୂଜକ ଭାବେ ନିରଞ୍ଜନ ପାଣିଗ୍ରାହୀ ଓ ନରେନ୍ଦ୍ର ପୂଜାରୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଏଥିରେ ମନ୍ଦିର କମିଟି ସଭାପତି ସାମଲ ନାଏକ, ସାଧାରଣ ସମ୍ପାଦକ ସୁବ୍ରତ ପ୍ରଧାନ, କୋଷାଧ୍ୟକ୍ଷ ପ୍ରଦୀପ ସେନାପତି, ବସନ୍ତ ପାଢୀ, ଜିତେନ୍ଦ୍ର ପ୍ରଧାନ, କିଶୋର ସିଂହ ପ୍ରମୁଖ କର୍ମକର୍ତ୍ତା ସହଯୋଗ କରିଥିଲେ ।

## ଭିମ୍‌ସାର ଛାତ୍ରଙ୍କ ମୃତଦେହ ଜବତ

ସମ୍ବଲପୁର,୨୨।୩ (ବ୍ୟୁରୋ)

ସମ୍ବଲପୁର ଜିଲା ବୁର୍ଲା ଥାନା ପିସି ବ୍ରିଜ୍ ତଳୁ ସୋମବାର ଭିମ୍‌ସାରର ଡିଏମ୍ଆର୍‌ଟି (ଡିପ୍ଲୋମା ଇନ୍ ରେଡିଓଥେରାପି) ଛାତ୍ର ବିଶ୍ୱରଞ୍ଜନ ଷଡଙ୍ଗୀ (୨୧)ଙ୍କ ମୃତଦେହ ଜବତ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ଏସ୍‌ଡିପିଓ ଏସ୍. ଦାଶ କହିଛନ୍ତି। ପୋଲିସଠାରୁ ମିଳିଥିବା ସୂଚନା ଅନୁସାରେ ସୁନ୍ଦରଗଡ଼ ଟାଉନର ମୂଳ ବାସିନ୍ଦା ବିଶ୍ୱରଞ୍ଜନ ଭିମ୍‌ସାରରେ ଡିଏମ୍ଆର୍‌ଟି ଦ୍ୱିତୀୟ ବର୍ଷରେ ପଢୁଥିଲେ। ବୁର୍ଲା ସହରରେ ସେ ଏକ ଭଡ଼ାଘର ନେଇ ରହୁଥିଲେ। ରବିବାର ରାତିରେ ଭଡାଘରକୁ ଫେରି ନ ଥିଲେ। ସକାଳେ ପିସି ବ୍ରିଜ ତଳେ ଜଣେ ଯୁବକଙ୍କ ମୃତଦେହ ପଡିଥିବା ନେଇ ୧୧୨ ସେବାରେ ନିୟୋଜିତ କର୍ମଚାରୀଙ୍କଠାରୁ ଖବର ପାଇ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ପଥରରେ ପଡିଥିବାରୁ ମୁହଁ ଓ ଶରୀରରେ ଗଭୀର ଆଘାତ ଲାଗିଛି। ଯୁବକଙ୍କ ପାଖରେ କୌଣସି ପରିଚୟପତ୍ର ନ ଥିବାରୁ ଚିହ୍ନଟ କରାଯାଇପାରି ନ ଥିଲା। ପରେ ମଧ୍ୟାହ୍ନ ୧୨ଟା ସମୟରେ ଭଡ଼ାଘର ମାଲିକ ମୃତଦେହ ବିଶ୍ୱରଞ୍ଜନଙ୍କର ବୋଲି ପୋଲିସକୁ କହିଥିଲେ। ପରିବାରବର୍ଗ ଆସି ସ୍ପଷ୍ଟ କରିବା ପରେ ବ୍ୟବଚ୍ଛେଦ କରାଯାଇଥିଲା। ପୋଲିସ ପରିବାର ଲୋକଙ୍କୁ ପଚରାଉଚରା ସହ ଭଡ଼ାଘର ଯାଞ୍ଚ କରିଛି। ତାଙ୍କ ମୋବାଇଲ ଓ ଅନ୍ୟ ସାମଗ୍ରୀ ମଧ ଜବତ କରିଛି। ତଦନ୍ତ ଜାରି ରହିଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ସତ୍ୟାସତ୍ୟ ଜଣାପଡିବ ବୋଲି ପୋଲିସ କହିଛି।

# ସବୁଜ ମହାନଦୀ ଅଭିଯାନ ସଭା, ଶୋଭାଯାତ୍ରା

ଦେବଗଡ଼, ୨୨।୩(ଡି.ଏନ୍.ଏ.)

ବିଶ୍ୱ ଜଳଦିବସ ଅବସରରେ ଦେବଗଡ଼ ବନଖଣ୍ଡ ବାରକୋଟ ବନାଞ୍ଚଳ ଅନ୍ତର୍ଗତ ଝରାକଣ୍ଠଳ ଓ ଠାକୁରପାଲି ଗ୍ରାମରେ ସୋମବାର ସବୁଜ ମହାନଦୀ ମିଶନ ସମ୍ପର୍କୀତ ଏକ ସଚେତନତା ସଭା ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଝରାକଣ୍ଠଳ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଥିଲା। ଏହି ଶୋଭାଯାତ୍ରାକୁ ଅବୈତନିକ ୱାଇଲ୍ଡଲାଇଫ୍ ୱାର୍ଡେନ ଲଳିତ ମୋହନ ସାହୁ ଓ ବାରକୋଟ ବନାଞ୍ଚଳ ଅଧିକାରୀ ଜୟଶ୍ରୀ ମୁର୍ମୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଛାତ୍ରୀଛାତ୍ର ହାତରେ ପ୍ଲାକାର୍ଡ ଧରି ବିଭିନ୍ନ ସଚେତନତା ମୂଳକ ସ୍ଲୋଗାନ ସହ ଗ୍ରାମ ପରିକ୍ରମା କରିଥିଲେ। ପରେ ଠାକୁରପାଲି ଗ୍ରାମ ନିକଟସ୍ଥ ବ୍ରାହ୍ମଣୀ ନଦୀ କୂଳରେ ପହଞ୍ଚିଥିଲେ । ସେଠାରେ ବନାଞ୍ଚଳ ଅଧିକାରୀ ଜୟଶ୍ରୀ ମୁର୍ମୁଙ୍କ ଅଧକ୍ଷତାରେ ଆୟୋଜିତ ଚେତନତା ସଭାରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ବନଖଣ୍ଡ ଅଧିକାରୀ କ୍ଷମା ଷଡଙ୍ଗୀ, ସମ୍ମାନିତ ଅତିଥି ଭାବେ ଝରାକଣ୍ଠଳ ଗ୍ରାମ ପଞ୍ଚାୟତର ସରପଞ୍ଚ ପଦ୍ମଲିନା କବିତା, ଝରାକଣ୍ଠଳ ହାଇସ୍କୁଲର ପ୍ରଧାନ ଶିକ୍ଷକ ଝାଡ଼େଶ୍ୱର ପ୍ରଧାନ, ସ୍ଥାନୀୟ ବନ ସୁରକ୍ଷା ସମିତିର ସଭାପତି ବନମାଳି ମାଝି, ଠାକୁରପାଲି ବନ ସୁରକ୍ଷା ସମିତିର ସଭାପତି ନବୀନ ଚନ୍ଦ୍ର ପାତ୍ର ଓ ମୁଖ୍ୟବକ୍ତା ଭାବେ ଅବୈତନିକ ୱାଇଲ୍ଡଲାଇଫ ୱାର୍ଡେନ ଲଳିତ ମୋହନ ସାହୁ ଯୋଗଦେଇ ଏହି କାର୍ଯ୍ୟକ୍ରମ ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଜଳ ସୁରକ୍ଷା ଓ ସଂରକ୍ଷଣ, ମୃର୍ତ୍ତିକା ସଂରକ୍ଷଣ ଓ ବୃକ୍ଷରୋପଣର ଆବଶ୍ୟକତା ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରିଥିଲେ। ସେହିପରି ନଦୀକୂଳରେ ବୃକ୍ଷରୋପଣ ଉପରେ ମଧ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କ ମଧରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିବା ସମସ୍ତଙ୍କୁ ଖାତା, କଲମ, ପେନସିଲ ଆଦି ପାଠ୍ୟୋପକରଣ ଓ ପରୀକ୍ଷା ପଟା ସମେତ ମାସ୍କ ଓ ଟୋପି ପ୍ରଦାନ କରାଯାଇଥିଲା।



ସବୁଜ ମହାନଦୀ ମିଶନ ସଚେତନତା କାର୍ଯ୍ୟକ୍ରମରେ ବନବିଭାଗ ଅଧିକାରୀ ଓ ମଞ୍ଚାସୀନ ଅତିଥି।

## ପୋଲିସ ହାଇସ୍କୁଲ ପୁରାତନ ଛାତ୍ର ସମ୍ମିଳନୀ

ସମ୍ବଲପୁର, ୨୨।୩ (ବ୍ୟୁରୋ)

ପୋଲିସ ହାଇସ୍କୁଲର ପୁରାତନ ଛାତ୍ର ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ପ୍ରଫୁଲ୍ଲ କୁମାର ଦାଶଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ପ୍ରାରମ୍ଭରେ ଅବସରପ୍ରାପ୍ତ ଶିକ୍ଷକ ସଜ୍ଜନ ବଡପଣ୍ଡା, ବ୍ରଜେନ୍ଦ୍ର ପଟ୍ଟନାୟକ, ସ୍କୁଲର କାର୍ଯ୍ୟକାରୀ ପ୍ରଧାନଶିକ୍ଷକ ଯଶୋବନ୍ତ ସାହୁଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଆଗାମୀ ଦିନରେ ସୁବର୍ଣ୍ଣ ଜୟନ୍ତୀ କିପରି କରାଯିବ ସେ ନେଇ ଜୟବ୍ରତ ଦେ ଆଲୋଚନା କରିଥିଲେ। ପ୍ରତ୍ୟେକ ବ୍ୟାଚର ପୁରାତନ ଛାତ୍ରଙ୍କୁ ନେଇ ମୋ ସ୍କୁଲ ଅଭିଯାନ, ପୁରାତନ ଛାତ୍ର ସଂଘ ସମନ୍ୱୟ କମିଟି ଗଠନ କରାଯାଇଛି। ୧୯୭୫ ମସିହାରେ ଆରମ୍ଭ ହୋଇଥିବା ସ୍କୁଲ ସମ୍ପ୍ରତି ବିଭିନ୍ନ ସମସ୍ୟା ଦେଇ ଗତି କରୁଛି ।

## ଅମିତ ଧଳ ମେମୋରିଆଲ କ୍ରିକେଟ: ରାୟଷ୍ଟ୍ରମ୍ ଚାମ୍ପିୟନ



ଟ୍ରଫି ସହ ଖେଳାଳିମାନେ।

ବ୍ରଜରାଜନଗର,୨୨।୩ (ଡି.ଏନ୍.ଏ.)

ବ୍ରଜରାଜନଗର ସହରାଞ୍ଚଳର ମାମା ଛକଠାରେ ଚାଲିଥିବା ଅମିତ ଧଳ ନାଇଟ୍ କ୍ରିକେଟ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଡାଇମଣ୍ଡ-୯ ଆଦର୍ଶନଗରକୁ ହରାଇ ରାୟଷ୍ଟ୍ରମ୍ ଲମତିବାହାଲ ଟିମ୍ ଚାମ୍ପିୟନ ହୋଇଥିଲା। ରାୟଷ୍ଟ୍ରମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୭୬ ରନ୍ କରିଥିଲା। ଜବାବରେ ଡାଇମଣ୍ଡ ଟିମ୍ ୫୭ ରନ କରି ହାରିଯାଇଥିଲା। ଉନ୍ନତମାନର ଖେଳ ପ୍ରଦର୍ଶନ ପାଇଁ ଜଗା ବାଲମ ଓ ବିକାଶ ୟାଦବଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ସମ୍ମାନିତ କରାଯାଇଥିଲା। ଉଦ୍‌ଯାପନୀ ସମାରୋହରେ ଝାରସୁଗୁଡା ଜିଲା ବିଜେଡି ଉପସଭାପତିବିଶ୍ୱନାଥ ନାଏକ ମୁଖ୍ୟଅତିଥି ଓ କୋଲ ମୁଭର୍ସ ଆସୋସିଏଶନ ସଭାପତି ତଥା ଅମିତଙ୍କ ବଡଭାଇ ଅଜିତ ଧଳ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ୨୦ ହଜାର ଟଙ୍କା ଟ୍ରଫି ଓ ରନର୍ସଅପ୍ ଦଳକୁ ୧୨ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ବାବୁଲା ମିଶ୍ର, ଜୟଦେବ ପ୍ରଧାନ, ଗୁଡୁ କେଡିଆ, ପ୍ରବୀଣ ମିଶ୍ର, ଅବତାର ସିଂ, କୁଳମଣି ଦାଶ ପ୍ରମୁଖ ସମ୍ମାନୀତ ଅତିଥି ଭାବରେ ଯୋଗଦେଇଥିଲେ।

## ଭାଜପା କୃଷକ ମୋର୍ଚ୍ଚାର ଜିଲାପାଳଙ୍କ ଅଫିସ ଘେରାଉ

**ସମ୍ବଲପୁର,୨୨।୩ (ବ୍ୟୁରୋ):** ସମ୍ବଲପୁର ଜିଲା ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ସୋମବାର ଜିଲାପାଳଙ୍କ ଅଫିସ ଘେରାଉ କରାଯାଇଛି। ଜିଲା ସଭାପତି ସମୀର ବାବୁଙ୍କ ନେତୃତ୍ୱରେ ଭାଜପା ଅଫିସରୁ ଏକ ରାଲି ବାହାରି ଜିଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ଚାଷୀ ସମସ୍ୟା ନେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଏକ ପ୍ରତିନିଧି ଦଳ ଜିଲାପାଳ ଶୁଭମ୍ ସକ୍‌ସେନାଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ପ୍ରମୁଖ ଦାବି ମଧ୍ୟରେ ଟୋକନ୍ ବ୍ୟବସ୍ଥା ଉଚ୍ଛେଦ, ବକେୟା ଧାନ ସଂଗ୍ରହ, ଧାନ ସଂଗ୍ରହ ପରିମାଣ ବୃଦ୍ଧି, ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ କରି ନିଷ୍ପତ୍ତି ଗ୍ରହଣ ଅନ୍ୟତମ। ଏହାଛଡା ବନ୍ୟପ୍ରାଣୀ ଦ୍ୱାରା ନଷ୍ଟ ହେଉଥିବା ଫସଲ ବାବଦରେ କ୍ଷତିପୂରଣ ଦେବାକୁ ଦାବି କରିଥିଲେ। ଭାଜପା ଜିଲା ସଭାପତି ଗିରୀଶ ପଟେଲ, ସାଧାରଣ ସମ୍ପାଦକ ଅନୀଲ ବେହେରା, ମହିଳା ମୋର୍ଚ୍ଚା ସଭାପତି ଅନ୍ନପୂର୍ଣ୍ଣା ବାରିକ, ରୁନୁ ପ୍ରଧାନ, ଡାକ୍ତର ରାଜକୁମାର ବଡପଣ୍ଡା, ଡାକ୍ତର ପ୍ରଭାସ ଦେବତା, ମୋହନ ଦାସ, ପ୍ରକାଶ ସାହୁ, ସରୋଜ ଘଡେଇ, ସୁଜାତା ଗୁରୁ, ମାନସ ବକ୍ସି, ମହେନ୍ଦ୍ର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।


ଜିଲାପାଳଙ୍କ ଅଫିସ ସମ୍ମୁଖରେ ଦଳର କର୍ମକର୍ତ୍ତା।

# କମ୍ପାନୀ ଗେଟ୍ ଆଗରେ ଧାରଣା

**୧୦ଦଫା ଦାବିରେ ଆନ୍ଦୋଳନକୁ ଓହ୍ଲାଇଲେ ଗ୍ରାମବାସୀ**

ଝାରସୁଗୁଡ଼ା ଅଫିସ୍,୨୨।୩

୧୦ଦଫା ଦାବି ନେଇ ହିର୍ମା ପଞ୍ଚାୟତବାସୀ ସୋମବାର ଝାରସୁଗୁଡ଼ାସ୍ଥିତ ଏସ୍ଏମ୍ସି ପାୱାର ପ୍ଲାଣ୍ଟ ସମ୍ମୁଖରେ ଧାରଣାରେ ବସିଥିଲେ। ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ ମଧ କିଛି ଫଳ ହୋଇ ନ ଥିଲା। ପରେ ଜିଲା ପ୍ରଶାସନ ତତ୍ତ୍ୱାବଧାନରେ ତ୍ରିପାକ୍ଷିକ ଆଲୋଚନା ହୋଇଥିଲା। ଏଥିରେ ଜିଲା ପ୍ରଶାସନ ତରଫରୁ ମାଜିଷ୍ଟ୍ରେଟ୍ ତହସିଲଦାର ଦିଲୀପ ପ୍ରଧାନ,ଏସ୍‌ଡିପିଓ କୈଳାସ ଆଚାର୍ଯ୍ୟ, ଆଇଆଇସି ଅମିତାଭ ପଣ୍ଡା, କମ୍ପାନୀ ତରଫରୁ ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ମହାମାୟା ଶୁକ୍ଲା, ପଞ୍ଚାୟତବାସୀଙ୍କ ତରଫରୁ ଭାଜପା ଜିଲା ସଭାପତି ମଙ୍ଗଳ ସାହୁ, ଭାଜପା ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ, ମଦନ ବେହେରା, ଅକ୍ଷୟ ରାଉତ, ସୁଧାକର ସାହୁ, ମୁରାରୀ ପାଣିଗ୍ରାହୀ ଓ ରାଜ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଆଲୋଚନାରେ କମ୍ପାନୀ ମାଲିକ ଉପସ୍ଥିତ ରହିବା ପାଇଁ ଗ୍ରାମବାସୀ ଦାବି କରିଥିଲେ। ହେଲେ ସେ ବାହାରେ ରହୁଥିବାରୁ ଆସନ୍ତା ୨୬ତାରିଖରେ ତ୍ରିପାକ୍ଷିକ ଆଲୋଚନା ରଖାଯାଇଛି। ଏଥିରେ କମ୍ପାନୀ ମାଲିକ ଉପସ୍ଥିତ ରହିବେ ବୋଲି କୁହାଯାଇଛି। ଏହି ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ଏହି ଆନ୍ଦୋଳନ ସକାଳ ୬ଟାରୁ ମଧ୍ୟାହ୍ନ ୨ଟା ପର୍ଯ୍ୟନ୍ତ ଚାଲିଥିଲା। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ପୋଲିସ ମୁତୟନ ହୋଇଥିଲେ। ଆନ୍ଦୋଳନକୁ ଜିଲା ଭାଜପା ତରଫରୁ ସମର୍ଥନ ଜଣାଯାଇଥିଲା। ପ୍ରମୁଖ ଦାବି ମଧ୍ୟରେ ନିଯୁକ୍ତି କ୍ଷେତ୍ରରେ ହିର୍ମା ପଞ୍ଚାୟତକୁ ଅଗ୍ରାଧିକାର, ଶ୍ରମିକଙ୍କ କାମ କରିବା ୧୨ଘଣ୍ଟା ବଦଳରେ ୮ଘଣ୍ଟା ଓ ସପ୍ତାହକୁ ଗୋଟିଏ ଦିନ ଛୁଟି, ବଡମାଲରେ ୨୪ଘଣ୍ଟିଆ ସିକ୍ୟୁରିଟି ବ୍ୟବସ୍ଥା, ପଞ୍ଚାୟତରେ ମାସକୁ ଥରେ ମାଗଣା ସ୍ୱାସ୍ଥ୍ୟ ଶିବିର, ଛାତ୍ରୀଛାତ୍ରଙ୍କୁ ମାଗଣା ଶିକ୍ଷାଦାନ, ଧୂଳିଧୂଆଁରୁ ରକ୍ଷାପାଇଁ ରାସ୍ତାରେ ପାଣି ସିଞ୍ଚନ, ପଞ୍ଚାୟତବାସୀଙ୍କୁ ମାଗଣା ବିଦ୍ୟୁତ୍ ଯୋଗାଣ, ଆରାଧ୍ୟଦେବୀ ମା' ସମଲେଇଙ୍କ ମନ୍ଦିର ଉନ୍ନତୀକରଣ ଅନ୍ୟତମ। ଏହିସବୁ ଦାବି ନେଇ ପଞ୍ଚାୟତବାସୀ ପୂର୍ବରୁ ଆନ୍ଦୋଳନ କରିଥିଲେ ମଧ ସୁଫଳ ମିଳିନାହିଁ। ଆଗାମୀ ଦିନରେ ଯଦି କମ୍ପାନୀ ଏଭଳି ଫମ୍ପା ପ୍ରତିଶ୍ରୁତି ଦେବ ତେବେ ଉଚିତ ଜବାବ ଦିଆଯିବ। ଏଥିପାଇଁ ଜିଲା ପ୍ରଶାସନ ଓ କମ୍ପାନୀ କର୍ତ୍ତୃପକ୍ଷ ଦାୟୀ ରହିବେ ବୋଲି ଆନ୍ଦୋଳକାରୀ ଚେତାବନୀ ଦେଇଛନ୍ତି।



କମ୍ପାନୀ ଫାଟକ ସମ୍ମୁଖରେ ଧାରଣାରେ ବସିଛନ୍ତି ଗ୍ରାମବାସୀ।

## ନିମ୍ବଗଛକୁ ଧକ୍କା ଦେଲା ଟ୍ରକ: ଚାଳକ ମୃତ

କୁତ୍ରା, (ଡି.ଏନ.ଏ)-ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅଧିନ ଲଡେଇପଡା ଗ୍ରାମରେ ଶନିବାର ରାତ୍ରିରେ ୧୮ଚକିଆ ଟ୍ରକ ଏକ ନିମ୍ବଗଛକୁ ଧକ୍କା ଦେବା ଫଳରେ ଚାଳକ ସୁମିତ କୁଜୁର(୨୧)ଙ୍କ ମୃତ୍ୟୁ ଘଟିଛି। ଘଟଣା ସମ୍ପର୍କରେ ଜାଣିପାରି ଗ୍ରାମବାସୀ କୁତ୍ରା ପୋଲିସକୁ ଖବର ଦେଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ନିମ୍ବଗଛକୁ କାଟିବା ସହିତ ଦବି ଯାଇଥିବା ଟ୍ରକର ସୋକୁ କାଟି ଚାଳକଙ୍କୁ ବାହାରକୁ ଆଣିଥିଲେ। ରବିବାର ଶବ ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହକୁ ଘର ଲୋକଙ୍କୁ ହସ୍ତାନ୍ତର କରିଥିଲେ।

**ସଂକ୍ଷେପରେ**

## କାରଖାନା ସମ୍ପ୍ରସାରଣକୁ ବିରୋଧ ପାଇଁ ପ୍ରସ୍ତୁତି

କୁତ୍ରା, ୨୨।୩(ଡି.ଏନ.ଏ)- ସୁନ୍ଦରଗଡ଼ ଜିଲା କୁତ୍ରା ତହସିଲ ଅଧିନ କନ୍ଦେଇମୁଣ୍ଡା ଗ୍ରାମରେ ଥିବା ଶିବା ସିମେଣ୍ଟ (ଜିନ୍ଦଲଗ୍ରୁପ) କାରଖାନର ସମ୍ପ୍ରସାରଣକୁ ବିରୋଧ କରିବା ପାଇଁ କୁତ୍ରା ଆଖପାଖ ଅଞ୍ଚଳର ଗ୍ରାମବାସୀ ତଥା ବହୁ ରାଜନୈତିକଦଳ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଥିବା ଜଣାପଡିଛି। କୁତ୍ରା ତହସିଲ ଅଧିନ କନ୍ଦେଇମୁଣ୍ଡାଠାରେ ଶିବା ସିମେଣ୍ଟ ଉତ୍ପାଦନ କରୁଛି। ଏବେ କିଛି ଦିନ ହେବ ଏହି କାରଖାନାକୁ ଜିନ୍ଦଲଗ୍ରୁପ କିଣି ନେଇ ଏହାର ସମ୍ପ୍ରସାରଣ ପାଇଁ ଉଦ୍ୟମ କରୁଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିକଟରେ ପରିବେଶୀୟ ମଞ୍ଜୁରୀ ପ୍ରଦାନ ପାଇଁ ମାର୍ଚ୍ଚ ୨୬ ତାରିଖ କନ୍ଦେଇମୁଣ୍ଡାଠାରେ ଏକ ଜନ ଶୁଣାଣି ପାଇଁ ତାରିଖ ଧାର୍ଯ୍ୟ କରିଛନ୍ତି। ହେଲେ ଶିବା ସିମେଣ୍ଟ କାରଖାନାକୁ କିଣିଲା ପରେ ଜିନ୍ଦଲଗ୍ରୁପ ବର୍ଷେରୁ ଉର୍ଦ୍ଧ୍ୱ ସମୟ ହେବ କାରଖାନାକୁ ଚଳାଉଥିବା ବେଳେ ନିଯୁକ୍ତିଠୁ ନେଇ ବିଭିନ୍ନ କାର୍ଯ୍ୟ ପାଇଁ ସ୍ଥାନୀୟ ଲୋକଙ୍କୁ ତଥା ଜନପ୍ରତିନିଧିଙ୍କୁ ଗୁରୁ୍ତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି। ଏବେ ସମ୍ପ୍ରସାରଣ ପରେ ହେଉଥିବା କାର୍ଯ୍ୟରେ ମଧ ଅଞ୍ଚଳବାସୀଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ ହେଉଛି। କେତେକ ଲୋକଙ୍କ ଜମି ଉପରେ ରାସ୍ତା କରି କମ୍ପାନୀ ଯାନବାହାନ ଚଳାଚଳ କରୁଥିବା ବେଳେ ଏହାର ସମାଧାନ ଦିଗରେ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହେଉଛି। ଏହି କାରଖାନାର ସମ୍ପ୍ରସାରଣ ହେଲେ ଅଞ୍ଚଳରେ ବାହାର ଲୋକଙ୍କ ଭିଡ ବଢିବା ସହିତ ଅପରାଧି କାର୍ଯ୍ୟକଳାପ, ପରିବେଶ ଦୂଷିତ ହେବା ବିଭିନ୍ନ ସମସ୍ୟା ଦେଖାଦେବା ନେଇ ଅଞ୍ଚଳବାସୀ ଚିନ୍ତିତ ରହୁଥିବାରୁ ତଥା କର୍ମ ନିଯୁକ୍ତିରେ ମଧ କମ୍ପାନୀ ଅଞ୍ଚଳବାସୀଙ୍କୁ ଅଣଦେଖା କରିବା ଆଶଙ୍କା ନେଇ ପରିବେଶୀୟ ମଞ୍ଜୁରୀ ଜନଶୁଣାଣିକୁ ବିରୋଧ କରିବାକୁ ନିଷ୍ପତ୍ତି ନେଇଛନ୍ତି।

## ବାରକୋଟ ଡିଗ୍ରୀ କଲେଜରେ ‘ମୋ କଲେଜ’ଅଭିଯାନ

ଦେବଗଡ଼,୨୨।୩(ଡି.ଏନ.ଏ.)- ବାରକୋଟ ବ୍ଲକ ସଦର ମହକୁମା ଡଁରାସ୍ଥିତ ଡିଗ୍ରୀ ମହାବିଦ୍ୟାଳୟରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ‘ମୋ କଲେଜ’ ଅଭିଯାନର ଶୁଭାରମ୍ଭ ହୋଇଯାଇଛି। ଏହି ଅଭିଯାନକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରରୁ ଅନଲାଇନ ଜରିଆରେ ଉଦ୍‌ଘାଟନ କରିଥିବା ବେଳେ ଏହି ଉପଲକ୍ଷେ ବାରକୋଟ ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ଜିତେନ୍ଦ୍ର ସାହୁଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମହାବିଦ୍ୟାଳୟର ଅତିଥି ଭାବେ ଡଁରା ଗ୍ରାମ ପଞ୍ଚାୟତର ସରପଞ୍ଚ ହରିହର ସାହୁ, ବିଦ୍ୟାଳୟ ପରିଚାଳନା ସମିତିର ପୂର୍ବତନ ସଭାପତି କ୍ଷୀରୋଦ ବିହାରୀ ସାହୁ, ପୁରାତନ ଛାତ୍ର ସଂସଦର ସଭାପତି ଗଣନାଥ ମହାପାତ୍ର ଯୋଗଦେଇଥିଲେ। ସଭାରେ ଅନ୍ୟମାନଙ୍କ ମଧରେ ପୁରାତନ ଛାତ୍ର ସାରଙ୍ଗଧର ଦେହୁରୀ ଓ ମୀନକେତନ ପ୍ରଧାନଙ୍କ ସମେତ ଛାତ୍ରୀଛାତ୍ର, ପୁରାତନ ଛାତ୍ରୀଛାତ୍ର, ସମସ୍ତ ଅଧାପକ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଗାଁ କଲ୍ୟାଣ ସମିତି ଭୂମିକା ଗୁରୁତ୍ୱପୂର୍ଣ୍ଣ

ସୁନ୍ଦରଗଡ଼, ୨୨।୩ (ଡି.ଏନ୍.ଏ)



ସମ୍ମିଳନୀରେ ଆଶାକର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଜିଲାସ୍ତରୀୟ ଆଶା ଓ ଗାଁ କଲ୍ୟାଣ ସମିତି ସମ୍ମିଳନୀ**

ସ୍ଥାନୀୟ ମାଦ୍ରି କାଲୋ ଭବନଠାରେ ସୋମବାର ଜିଲାସ୍ତରୀୟ ଆଶା ଓ ଗାଁ କଲ୍ୟାଣ ସମିତି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ଏମ୍ମା ଏକ୍କା, ଜିଲାପାଳ ନିଖିଲ ପବନ କଲ୍ୟାଣ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସରୋଜ କୁମାର ମିଶ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା, କୋଭିଡ ମହାମାରୀର ମୁକାବିଲା କରିବା କ୍ଷେତ୍ରରେ ଆଶାକର୍ମୀ ଓ ଗାଁ କଲ୍ୟାଣ ସମିତିର ଭୂମିକାକୁ ଅତିଥିମାନେ ପ୍ରଶଂସା କରିଥିଲେ। ଏହି ଅବସରରେ ଶ୍ରେଷ୍ଠ ଆଶାକର୍ମୀ ଭାବେ ଲହୁଣୀପଡା ବ୍ଲକର ଲୀନା ଭୂମିଜ, ନୂଆଗାଁ ବ୍ଲକର ସନ୍ଧ୍ୟା ଜାମକିଆର, ଲେଫ୍ରିପଡା ବ୍ଲକର ଯଶୋଦା ବାରିକ ଓ ବଣାଇ ବ୍ଲକର ସୁକାନ୍ତି ଓରାମଙ୍କୁ ପୁରସ୍କୃତ କରାଯାଇଥିଲା। ଶ୍ରେଷ୍ଠ ସୁସ୍ଥ ପଞ୍ଚାୟତ ଭାବରେ ବାଲିଶଙ୍କରା ବ୍ଲକର ବିରକାଲଡିହି, ଲେଫ୍ରିପଡା ବ୍ଲକର ଗିରିଙ୍ଗକେଲା, ଲହୁଣୀପଡା ବ୍ଲକର ବଡପୁରୁଣାପାଣି, ରାଜଗାଙ୍ଗପୁର ବ୍ଲକର ଲାଇଙ୍ଗ ପଞ୍ଚାୟତକୁ ପୁରସ୍କୃତ କରାଯାଇଥିଲା। ପ୍ରତ୍ୟେକ ବ୍ଲକର ଗୋଟିଏ ଲେଖାଏଁ ଗାଁ କଲ୍ୟାଣ ସମିତିକୁ ସୁସ୍ଥ ଗାଁ ଭାବରେ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବାବଦରେ ପ୍ରତ୍ୟେକଙ୍କୁ ୧୦ହଜାର ଟଙ୍କା, ମାନପତ୍ର ସହିତ ଫଳକ ପ୍ରଦାନ କରାଯାଇଥିଲା। ଉକ୍ତ ସମ୍ମିଳନୀରେ ୨୧ଜଣ ଆଶାକର୍ମୀଙ୍କୁ ଗର୍ଭାବସ୍ଥାରେ ଶତପ୍ରତିଶତ ପଞ୍ଜିକରଣ କରି କନ୍ୟା ସନ୍ତାନଙ୍କ ଅନୁପାତରେ ଉଲ୍ଲେଖନୀୟ ଅବଦାନ କରିଥିବାରୁ ସେମାନଙ୍କୁ ମାନପତ୍ର ସହ ଫଳକ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଏହି ସମ୍ମିଳନୀରେ ଜିଲାର ୧୭ଟି ବ୍ଲକରୁ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଆଶାକର୍ମୀ, ଅଙ୍ଗନବାଡି କର୍ମୀ, ପଞ୍ଚାୟତିରାଜ ପ୍ରତିନିଧି, ସରକାରୀ ଅଧିକାରୀ ଅଂଶଗ୍ରହଣ କରିଥିଲେ। ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ପରିବାର କଲ୍ୟାଣ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ, ଡା. ଦିଲ୍ଲୀପ କୁମାର ଷଡଙ୍ଗୀ, ଶଶୀଭୂଷଣ ନାଏକ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧିକାରୀ ଦୀପକ ମହାନ୍ତି ଉପସ୍ଥିତ ଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନ ଉପପରିଚାଳକ ଅଶ୍ୱିନୀ ମିଶ୍ର, ଗାଁ କଲ୍ୟାଣ ସମିତି ପରିଚାଳକ ବବଲୁ କୁମାର ଲାକ୍ରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବୁଧରଞ୍ଜନ ଭୋଇ ଧନ୍ୟବାଦ ଦେଇଥିଲେ।

# ନକଲି ସାର୍ଟିଫିକେଟଧାରୀଙ୍କୁ ବିଦା କରୁଛି ଆଧୁନିକ

କୁଆଁରମୁଣ୍ଡା,୨୨।୩ (ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଚାର୍ଡିହରିହରପୁର ଥିବା ଆଧୁନିକ ମେଟାଲକ୍ସ କାରଖାନା ଦୀର୍ଘ ବର୍ଷ ହେଲା ବନ୍ଦ ପଡିଥିବା ବେଳେ ନିକଟରେ ଏହାକୁ ଲିବର୍ଟି ହାଉସ୍ ଅଧିଗ୍ରହଣ କରିଛି। ଏବେ ଏହି କାରଖାନା ପ୍ରାୟ ୫ ମାସରୁ ଉର୍ଦ୍ଧ୍ୱ ହେଲା ଚାଲୁଛି। ହେଲେ ଉକ୍ତ କାରଖାନାରେ ନୂତନଭାବେ ନିଯୁକ୍ତ କର୍ମଚାରୀମାନଙ୍କ ମଧ୍ୟରୁ କେତେକ କର୍ମଚାରୀ ନକଲି ସାର୍ଟିଫିକେଟ ମାଧ୍ୟମରେ ଚାକିରି ହାତେଇ ଥିଲେ। ଏବେ କାରଖାନା ପକ୍ଷରୁ କର୍ମଚାରୀମାନଙ୍କର ସାର୍ଟିଫିକେଟ ଯାଞ୍ଚ କାର୍ଯ୍ୟ କଡ଼ାକଡ଼ି ଭାବେ ଚାଲୁଥିବାରୁ ସେମାନଙ୍କୁ ଚିହ୍ନଟ କରାଯାଇ ଚାକିରୀରୁ ବିଦା କରାଯାଉଛି। ଫଳରେ ଏବେ ଉକ୍ତ କାରଖାନାରେ କାମ କରୁଥିବା ନକଲି ସାର୍ଟିଫିକେଟଧାରୀମାନଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ଏହି ଯାଞ୍ଚ କାର୍ଯ୍ୟ ଗତ ୫/୬ ଦିନ ହେଲା ଆରମ୍ଭ ହୋଇଥିଲାବେଳେ ୭ରୁ ଉର୍ଦ୍ଧ୍ୱ ନକଲି ଡିପ୍ଲୋମା, ଡିଗ୍ରୀ ଇଞ୍ଜିନିୟରମାନଙ୍କୁ ଚାକିରିରୁ ବିଦା କରାଯାଇଥିବା ଜଣାପଡ଼ିଛି। ହେଲେ ଏ ନେଇ ନିକଟସ୍ଥ କୁଆଁରମୁଣ୍ଡା ଫାଣ୍ଡିରେ କାରଖାନା ପକ୍ଷରୁ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ କହିଛି। ମିଳିଥିବା ସୂଚନା ଅନୁସାରେ, କେତେକ କର୍ମଚାରୀ ମାତ୍ର ୮ମ କିମ୍ବା ୯ମ ଶ୍ରେଣୀ ପାଠ ପଢିଥିବା ବେଳେ ଚଞ୍ଚକତା କରି ନକଲି ସାର୍ଟିଫିକେଟ ଦେଖାଇ ଉଚ୍ଚ ଦରମାରେ ଚାକିରି ହାତେଇ ଥିଲେ। ଏଥିରେ ମଧ୍ୟ ଉକ୍ତ କାରଖାନାରେ କାର୍ଯ୍ୟରତ ଅସାଧୁ ଡାଇରେକ୍ଟରମାନଙ୍କ ପ୍ରଚ୍ଛନ୍ନ ହାତ ରହିଛି। ସେମାନେ ଉକ୍ତ ନକଲି ସାର୍ଟିଫିକେଟଧାରୀମାନଙ୍କ ଠାରୁ ମୋଟା ଅଙ୍କରେ ଅର୍ଥ ଅସୁଲ କରି ଉଚ୍ଚ ଦରମାରେ ନିଯୁକ୍ତି ଦେବାରେ ସହାୟତା କରିଥିଲେ। ଏହା ସହ ସ୍ଥାନୀୟ ରାଜନେତା, ଶ୍ରମିକ ସଙ୍ଗଠନର ନେତାମାନେ ମଧ୍ୟ ନିଜର ପ୍ରାର୍ଥୀମାନଙ୍କୁ ଚଞ୍ଚକତା କରି ଏହି କାରଖାନାରେ ନିଯୁକ୍ତି ଦେଇଥିଲେ ବୋଲି ଏକ ଅସର୍ଥିତ ସୂତ୍ରରୁ ଜଣାପଡ଼ିଛି।

# ଜାତୀୟ ସଂହତି ଶିବିର ଉଦ୍‌ଘାଟିତ

ସୁନ୍ଦରଗଡ଼,୨୨।୩ (ଡି.ଏନ୍.ଏ)

ସ୍ଥାନୀୟ ଭବାନୀଶଙ୍କର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ୫ଦିନିଆ ଜାତୀୟ ସଂହତି ଶିବିର ସୋମବାର ଅପରାହ୍ନରେ ଉଦ୍‌ଘାଟିତ ହୋଇଛି। ଏଥିରେ ଜିଲାର ବିଭିନ୍ନ ବିଦ୍ୟାଳୟରୁ ସ୍କାଉଟ ଓ ଗାଇଡର ସଦସ୍ୟମାନେ ଯୋଗଦେଇଛନ୍ତି। ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ପୂର୍ବତନ ରାଷ୍ଟ୍ରପତି ଅବଦୁଲ କାଲାମଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଭବିଷ୍ୟତରେ ଶୃଙ୍ଖଳିତ ଓ ଉଚ୍ଚାକାଂକ୍ଷୀ ହେବାକୁ ପରାମର୍ଶ ଦେଇଥିଲେ। ଏଥିସହ ସମସ୍ତେ ପାଠପଢା ସହିତ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଭାଗନେବାକୁ ମଧ୍ୟ ପରାମର୍ଶ ଦେଇଥିଲେ। ବଡ଼ଗାଁ ଆଇଟିଆଇ ଅଧ୍ୟକ୍ଷ ତଥା ରାଜ୍ୟ ସ୍କାଉଟ କମିଶନର ଡ. ଅରୁଣ ନାଏକ ମୁଖ୍ୟବକ୍ତା ଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ଡ. ପ୍ରମୋଦ କୁମାର ଷଡଙ୍ଗୀ ଏହି ଶିବିର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ଲାଲିମା ଗ୍ଲୋରିଆ ଡୁଙ୍ଗଡୁଙ୍ଗ ଉପସ୍ଥିତ ଥିଲେ। ଶିବିରର କାର୍ଯ୍ୟକାରୀ ସମ୍ପାଦକ ତଥା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀବତ୍ସ ଚୌଧୁରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍କାଉଟ କମିଶନର (ଟ୍ରେନିଂ ) ଚାରୁଲତା ବେହେରା, ବିଭୀଷଣ ବାରିକ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମର ଆବାହକ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷିକା ତଥା ଜିଲା ଭାରତ ସ୍କାଉଟ ସମ୍ପାଦିକା ସଂଯୁକ୍ତା ବହିଦାର ଜିଲାରେ ସ୍କାଉଟ ଓ ଗାଇଡର ଉଲ୍ଲେଖନୀୟ ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ୱାଗତିକା ପଣ୍ଡା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ନବନିର୍ମିତ ରାଣୀ ଜାନକୀ ବାଳିକା ଛାତ୍ରୀ ନିବାସକୁ ଜିଲାପାଳ ଉଦ୍‌ଘାଟନ କରିଥିଲେ।




ଜାତୀୟ ସଂହତି ଶିବିର ଉଦ୍‌ଘାଟନୀ ମୁହୂର୍ତ୍ତ।

# କୁସଂସ୍କାର ମୂଳୋତ୍ପାଟନ କରିବା ନିଷ୍ପତ୍ତି




ଆଦିବାସୀ ଟାମୁଡିଆ ଭୂମିଜ ସମାଜର ବାର୍ଷିକ ମହୋତ୍ସବରେ ମଞ୍ଚାସୀନ ଅତିଥି।

ଲହୁଣୀପଡା, ୨୨।୩ (ଡି.ଏନ.ଏ)

**ଟାମୁଡ଼ିଆ ଭୂମିଜ ସମାଜର ବାର୍ଷିକ ମହୋତ୍ସବ**

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ତାଲବାହାଲି ଫୁଟବଲ ପଡିଆଠାରେ ରବିବାର ଆଦିବାସୀ ଟାମୁଡିଆ ଭୂମିଜ ସମାଜର ବାର୍ଷିକ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବଣାଇ ରାଜା ସାହେବ ବୀରକିଶୋର ଦେଓଦେବ, ସମ୍ମାନିତ ଅତିଥି ଭାବେ କୁଲିପୋଷ ରେଞ୍ଜର ମୁକ୍ତିକାନ୍ତ ପରିଡା ଯୋଗଦେଇଥିଲେ। ଲାଙ୍ଗ ଭୂମିଜ ସଭାପତିତ୍ୱ କରିଥିଲେ। କରମ ସିଂ ମୁଣ୍ଡାରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭା ପ୍ରାରମ୍ଭରେ ଆଦିବାସୀ ବାଦ୍ୟନୃତ୍ୟର ତାଳେତାଳେ ମଞ୍ଚ ନିକଟକୁ ଅତିଥିମାନଙ୍କୁ ପାଛୋଟି ନେବା ସହିତ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଆଦିବାସୀ ଟାମୁଡିଆ ଭୂମିଜ ସମାଜ ଓଡ଼ିଶାର କେତେକ ଜିଲାରେ ବସବାସ କରୁଥିବାବେଳେ ଝାଡ଼ଖଣ୍ଡ ରାଜ୍ୟର ବିଭିନ୍ନ ଜିଲାରେ ମଧ ଏହିସମାଜର ଲୋକମାନେ ବସବାସ କରୁଛନ୍ତି। କିନ୍ତୁ ଏମାନେ ଗୋଟିଏ ଜାତିର ହୋଇଥିଲେ ମଧ ବିଭିନ୍ନ ସଂଜ୍ଞା ଯୋଗୁ ଭିନ୍ନ ଭିନ୍ନ ଜିଲାରେ ଏମାନଙ୍କର ପରିଚୟ ଭିନ୍ନ ହୋଇଯାଇଛି। ଏଣୁ ଆଦିବାସୀ ଟାମୁଡିଆ ଭୂମିଜ ସମାଜର ଲୋକମାନେ ଆଦିବାସୀ ହୋଇଥିବା ସତ୍ତ୍ୱେ ମଧ ସରକାରଙ୍କ ପକ୍ଷରୁ ଆଦିବାସୀ ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ହେଉଛନ୍ତି। ଏଣୁ ସରକାରୀ ସ୍ତରରେ ଏହାକୁ ଉପଯୁକ୍ତ ତଦନ୍ତ କରି ସମସ୍ତଙ୍କୁ ସମସ୍ତ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ ସରକାରଙ୍କ ନିକଟରେ ଦାବି କରିବାକୁ ମତପ୍ରକାଶ ପାଇଥିଲା। ଏହା ସହିତ ସମାଜରେ ପ୍ରଚଳିତ ପରମ୍ପରାକୁ ରକ୍ଷା କରିବା ଓ ସମାଜରେ ରହି ଆସିଥିବା କୁସଂସ୍କାରକୁ ମୂଳଉତ୍ପାଟନ କରିବା ପାଇଁ ନିଷ୍ପତ୍ତି ନେବା ସହିତ ଶିକ୍ଷା ସଂସ୍କୃତିକୁ ସାମୂହିକ ଭାବରେ ଅଗ୍ରାଧିକାର ଦେବା ଉଚିତ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ମହୋତ୍ସବରେ କେନ୍ଦୁଝର, ମୟୁରଭଞ୍ଜ, ସୁନ୍ଦରଗଡ, ରାଉରକେଲା ଓ ପଡୋଶୀ ରାଜ୍ୟ ଝାଡଖଣ୍ଡର ବିଭିନ୍ନ ଜିଲାରୁ ବହୁ ସଂଖ୍ୟାରେ ଆଦିବାସୀ ଟାମୁଡିଆ ଭୂମିଜ ସମାଜର ମହିଳା ପୁରୁଷ ଯୋଗଦେଇଥିଲେ। ବିଶ୍ୱନାଥ ଭୂମିଜ, ସମର ଭୂମିଜ, ରାମ ଭୂମିଜ, ବିରସା ଭୂମିଜ, ମଙ୍ଗଳ ସାଣ୍ଡିଲ, ଜାଗର ଭୂମିଜ, ମେଘନାଦ ସାଣ୍ଡିଲ, ବାଣେଶ୍ୱର ଭୂମିଜ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଭା ଶେଷରେ ଲମ୍ବୋଦର ସାଣ୍ଡିଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଏମ୍ସ ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଦାବିକଲା କଂଗ୍ରେସ

ସୁନ୍ଦରଗଡ଼, ୨୨।୩ (ଡି.ଏନ୍.ଏ.)

ସୁନ୍ଦରଗଡ଼ରେ ଏମ୍ସ ପ୍ରତିଷ୍ଠା ପାଇଁ ଜିଲା କଂଗ୍ରେସ କମିଟି ପକ୍ଷରୁ ଦାବି କରାଯାଇଛି। ସୁନ୍ଦରଗଡ଼ରେ ଏମ୍ସ ପ୍ରତିଷ୍ଠା ପାଇଁ ଓଡ଼ିଶା ସରକାର ୨୦୨୦ରେ କେନ୍ଦ୍ର ସରକାରଙ୍କ ଅନୁମୋଦନ ପାଇଁ ପତ୍ର ଲେଖିଛନ୍ତି। କେନ୍ଦ୍ର ସରକାର ପଶ୍ଚିମବଙ୍ଗରେ ବର୍ତ୍ତମାନ ନିର୍ବାଚନ ପ୍ରଚାର ସମୟରେ ୩ଟି ଏମ୍ସ ପ୍ରତିଷ୍ଠା ପାଇଁ ପ୍ରଚାର କରି ପ୍ରତିଶ୍ରୁତି ଦେଉଛନ୍ତି। ତାହାହେଲେ ଓଡ଼ିଶାର ଆଦିବାସୀ ବହୁଳ ସୁନ୍ଦରଗଡ଼ ଜିଲାରେ ଦ୍ୱିତୀୟ ଏମ୍ସ କାହିଁକି ପ୍ରତିଷ୍ଠା ହୋଇପାରିବ ନାହିଁ ବୋଲି ଜିଲା କଂଗ୍ରେସ ପ୍ରଶ୍ନ କରିଛି। ଏଥିସହ କେନ୍ଦ୍ର ସରକାର ଦେଶ ତଥା ଓଡ଼ିଶାର ସମସ୍ତ ଜନସାଧାରଣଙ୍କ ପାଇଁ କରୋନା ଟିକା ମାଗଣାରେ ଉପଲବ୍ଧ କରିବାକୁ ଅନୁରୋଧ କରିଛି। ଏହି ପ୍ରତିଶ୍ରୁତି ମଧ୍ୟ ବିହାର ନିର୍ବାଚନ ସମୟରେ କେନ୍ଦ୍ର ସରକାର ଜନସାଧାରଣଙ୍କୁ ଦେଇଥିଲେ। ଏହି ପ୍ରତିଶ୍ରୁତି କେବଳ ନିର୍ବାଚନ ପ୍ରତିଶ୍ରୁତି ନ ହେଉ ବୋଲି ଜିଲା କଂଗ୍ରେସ ସଭାପତି ବେଣୁମାଧବ ତ୍ରିପାଠୀ ପ୍ରକାଶ କରିଛନ୍ତି।

## ସୁପର ସ୍ପେଶିଆଲିଟି ହସ୍ପିଟାଲରେ ଉତ୍ତେଜନା

ରାଉରକେଲା ଅଫିସ୍, ୨୨।୩

ନୂତନ ଭାବେ ଆରମ୍ଭ ହୋଇଥିବା ଆଇଜିଏଚ୍ ସୁପର ସ୍ପେଶିଆଲିଟି ହସ୍ପିଟାଲରେ ରୋଗୀସେବାକୁ ନେଇ ସୋମବାର ଉତ୍ତେଜନା ପ୍ରକାଶ ପାଇଥିଲା। ଏଠାକୁ ଆସିଥିବା ଜଣେ ରୋଗୀଙ୍କ ଠାରୁ ୫୦୦ଟଙ୍କା ଫି ନିଆଯାଇ ତାଙ୍କୁ ଆଇଜିଏଚ୍ (ଇସ୍ପାତ ଜେନେରାଲ ହସ୍ପିଟାଲ)କୁ ପଠାଯିବାକୁ ବିରୋଧ କରି ସମ୍ପୃକ୍ତ ରୋଗୀଙ୍କ ସମ୍ପର୍କୀୟମାନେ ଓ କେତେଜଣ ବ୍ୟକ୍ତି ପହଞ୍ଚି ପାଟିତୁଣ୍ଡ କରିଥିଲେ। ଏହି ସମୟରେ ସ୍ଥାନୀୟ ଭାଜପାର କେତେଜଣ କର୍ମକର୍ତ୍ତା ପହଞ୍ଚିବା ପରେ ବିରୋଧ ପ୍ରଦର୍ଶନକାରୀଙ୍କ ସହ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। କେତେଜଣ ବ୍ୟକ୍ତି ତଥା ରାଜନୈତିକ ଦଳ ଉଦ୍ଦେଶ୍ୟମୂଳକ ଭାବେ ଏହି ହସ୍ପିଟାଲକୁ ନେଇ ହୀନରାଜନୀତି କରିବା ଆଦୌ ଠିକ ନୁହେଁ ବୋଲି ଭାଜପା କର୍ମକର୍ତ୍ତାମାନେ କହିଥିଲେ। ଏଠାକୁ ଆସିଥିବା ରୋଗୀ ଜଣଙ୍କର ସ୍ନାୟୁବିକ ରୋଗର ପରୀକ୍ଷା ପରେ ଠିକ୍ ଥିବା ଓ ତାଙ୍କର ଗ୍ୟାସ୍ଟ୍ରିକ୍ ସମସ୍ୟା ଥିବାରୁ ଡାକ୍ତର ତାଙ୍କୁ ଆଇଜିଏଚ୍ ଯିବାକୁ ପରାମର୍ଶ ଦେଇଥିଲେ। ପରେ ପୋଲିସ ପହଞ୍ଚି ବୁଝାସୁଝା କରିବାରୁ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

## ବଲଣ୍ଡାରେ ବିଶ୍ୱ ଜଳଦିବସ

ଦେବଗଡ଼,୨୨।୩ (ଡି.ଏନ୍.ଏ.)

ସମ୍ବଲପୁର ସାମାଜିକ ସେବା ସଂସ୍ଥା ଆନୁକୂଲ୍ୟରେ ଦେବଗଡ଼ କୃଷି ବିଜ୍ଞାନ କେନ୍ଦ୍ର ସହାୟତାରେ ଆଶାକିରଣ ଲୋକ ସଙ୍ଗଠନ ଦ୍ୱାରା ତିଲେଇବଣି ବ୍ଲକ କଲଣ୍ଡା ପଞ୍ଚାୟତ ବଲଣ୍ଡା ଗ୍ରାମରେ ସୋମବାର ବିଶ୍ୱ ଜଳ ଦିବସ ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ଦେବଗଡ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡକ୍ଟର ସୁଜିତ କୁମାର ନାଥ, କଲଣ୍ଡା ସରପଞ୍ଚ ଶକୁନ୍ତଳା ପ୍ରଧାନ, ବଲଣ୍ଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିରଞ୍ଚି ନାରାୟଣ ପ୍ରଧାନ, ସହକାରୀ ଶିକ୍ଷକ ଉଦୟନାଥ ପ୍ରଧାନ , ଦିନେଶ କୁମାର ପାଢୀ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଲବ ସୋରେନ ଓ ସବ୍ୟସାଚୀ ସାହୁ ପ୍ରମୁଖ ଯୋଗଦେଇ ବିଶ୍ୱ ଜଳ ଦିବସ ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ସମ୍ବଲପୁର ସାମାଜିକ ସେବା ସଂସ୍ଥାର ସଂଯୋଜିକା ଭାରତୀ ଦାଶ ପରିଚାଳନା କରିଥିଲେ। ଏହି ଅବସରରେ ନୃତ୍ୟ, ସଙ୍ଗୀତ ଓ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ବଲଣ୍ଡା ସ୍ଥିତ ଆଶାକିରଣ ଲୋକ ସଙ୍ଗଠନର ସଭାପତି ବିଦ୍ୟାଧର ପ୍ରଧାନ, ଜଗତ ନାଏକ ଓ ପଦ୍ମନାଭ ପ୍ରଧାନ ଭୂମିକା ଗ୍ରହଣ କରିଥିଲେ।

## ବାରକୋଟକୁ ପରାସ୍ତ କଲା ବାମଣ୍ଡା କ୍ରିକେଟ କ୍ଲବ

ଦେବଗଡ଼,୨୨।୩ (ଡି.ଏନ୍.ଏ.)

**ଆନ୍ତଃ ଜିଲା ଲିଗ୍ ମ୍ୟାଚ ଦ୍ୱିତୀୟ ଦିବସ**



ସର୍ବାଧିକ ରନ କରିଥିବା ବାମଣ୍ଡା କ୍ରିକେଟ କ୍ଲବର ଚର୍ଚ୍ଚିଲ ସେଠୀ।

ଦେବଗଡ଼ ଜିଲା କ୍ରିକେଟ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ ଠାରେ ଗତ ୨୦ ତାରିଖ ଠାରୁ ଆରମ୍ଭ ହୋଇଥିବା ଆନ୍ତଃଜିଲା ସିନିୟର କ୍ଲବ କ୍ରିକେଟ ମ୍ୟାଚର ଦ୍ୱିତୀୟ ଦିବସରେ ବାମଣ୍ଡା କ୍ରିକେଟ କ୍ଲବ ବିଜୟୀ ହୋଇଛି। ଦେବଗଡ଼ର ବାମଣ୍ଡା କ୍ରିକେଟ କ୍ଲବ ଓ ବାରକୋଟ କ୍ରିକେଟ କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ବାମଣ୍ଡା କ୍ରିକେଟ କ୍ଲବ ବାରକୋଟ କ୍ରିକେଟ କ୍ଲବକୁ ୨୯୮ ରନରେ ପରାସ୍ତ କରି ଏକ ବୃହତ୍ତ ବିଜୟ ହାସଲ କରିଛି। ବାମଣ୍ଡା କ୍ରିକେଟ କ୍ଲବ ଟସ ଜିଣି ପ୍ରଥମେ ବ୍ୟାଟିଂ କରିବା ସହ ୩୪ ଓଭରରେ ସମସ୍ତ ଉଇକେଟ ହରାଇ ୩୪୪ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଚର୍ଚ୍ଚିଲ ସେଠୀ ସର୍ବାଧିକ ଦ୍ରୁତ ୧୨୧ ରନ (୭୪ ବଲ) ଓ ଆଦର୍ଶ ଭଞ୍ଜ ୪୪ ରନ ସଂଗ୍ରହ କରିଥିଲେ। ଏହାର ଜବାବରେ ବାରକୋଟ କ୍ରିକେଟ କ୍ଲବ ବ୍ୟାଟିଂ କରି ୯.୪ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୪୬ ରନ ସଂଗ୍ରହ କରିଥିଲେ। ବାମଣ୍ଡା କ୍ରିକେଟ କ୍ଲବ ପକ୍ଷରୁ ପ୍ରବୀଣ ତିର୍କୀ ୩ ଓଭର ବୋଲିଂ କରି ୫ଟି ଉଇକେଟ ଅକ୍ତିଆର କରିଥିବା ବେଳେ ପ୍ରୀତିଶ ପାରସ ଛତ୍ରିଆ ୫ ଓଭର ବୋଲିଂ କରି ୩ଟି ଉଇକେଟ ଅକ୍ତିଆର କରିଥିଲେ। ଶ୍ରେଷ୍ଠ ଖେଳ ପ୍ରଦର୍ଶନ ନିମନ୍ତେ ବାମଣ୍ଡା କ୍ରିକେଟ କ୍ଲବର ବୋଲର ପ୍ରବୀଣ ତିର୍କୀ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ମ୍ୟାଚକୁ ଅମ୍ପାୟାର ଭାବେ କିରନ ନାୟକ ଓ ଦୁଷ୍ମନ୍ତ ସାହୁ ପରିଚାଳନା କରିଥିଲେ।

# ଆଦିବାସୀ ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶ ନିମନ୍ତେ ନୂତନ ବୈଷୟିକ ପାଠ୍ୟକ୍ରମ

■ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତିଙ୍କ ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ପରିଦର୍ଶନ

■ଶିକ୍ଷା ହେଉଛି ଶ୍ରେଷ୍ଠ ମଞ୍ଚ ଯେଉଁଠି ଚେତନାର ପରିପ୍ରକାଶ ଘଟିଥାଏ: କୁଳପତି

ସୁନ୍ଦରଗଡ଼, ୨୨।୩ (ଡି.ଏନ୍.ଏ)



ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତିଙ୍କ ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ପରିଦର୍ଶନ ମୁହୂର୍ତ୍ତ।

ସମୟାନୁବର୍ତ୍ତିତା ଓ ନୈତିକ ଦାୟିତ୍ୱ ସମ୍ପାଦନ ଆଧାରରେ ଉପଯୁକ୍ତ ଶିକ୍ଷାଦାନ ମାଧ୍ୟମରେ ଶିକ୍ଷାନୁଷ୍ଠାନର ଶୈକ୍ଷିକ ମୂଲ୍ୟବୃଦ୍ଧି ଦିଗରେ ବ୍ରତୀ ହେବାକୁ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ସଞ୍ଜୀବ ମିତ୍ତଲ ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟ ପରିଦର୍ଶନ ଅବସରରେ ମତବ୍ୟକ୍ତ କରିଛନ୍ତି। ସୋମବାର କୁଳପତି ଡ. ମିତ୍ତଲ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଓ ଏମ୍‌ସିଏଲ୍ (ମହାନଦୀ କୋଲଫିଲ୍ଡ ଲିମିଟେଡ) ଦ୍ୱାରା ପ୍ରାୟୋଜିତ ଆଦିବାସୀ ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶ ନିମନ୍ତେ ପ୍ରସ୍ତାବିତ ନୂତନ ବୈଷୟିକ ପାଠ୍ୟକ୍ରମ ଖୋଲିବା ନିମନ୍ତେ ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର ଭିତ୍ତିଭୂମି ଅନୁଧ୍ୟାନ କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନରେ ସମ୍ବଲପୁର, ଝାରସୁଗୁଡା ଓ ସୁନ୍ଦରଗଡ ଠାରେ ଏହି ପାଠ୍ୟକ୍ରମ ଖୋଲାଯିବା ପାଇଁ ପ୍ରସ୍ତାବ ରହିଛି। ଏହି ଅବସରରେ ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷଠାରେ ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ରଙ୍କ ସହିତ ଆୟୋଜିତ ସଭାରେ କୁଳପତି ମିତ୍ତଲ ତାଙ୍କ ଅଭିଭାଷଣରେ ଅଧ୍ୟାପକମାନେ ନିଜର ଉପଯୁକ୍ତ ଶିକ୍ଷାଦାନ ମାଧ୍ୟମରେ ଛାତ୍ରୀଛାତ୍ରମାନଙ୍କ ଲିଖନ, ପଠନ ଦକ୍ଷତା ଅଭିବୃଦ୍ଧି, ସେମାନଙ୍କର ବ୍ୟକ୍ତିତ୍ୱର ସର୍ବାଙ୍ଗୀନ ବିକାଶ ଦିଗରେ ଯତ୍ନବାନ୍ ହେବାକୁ ପରାମର୍ଶ ଦେଇଥିଲେ। କାରଣ ବ୍ୟକ୍ତିତ୍ୱ ହିଁ ସମାଜରେ ବିଶେଷ ପ୍ରଭାବଶାଳୀ ସାବ୍ୟସ୍ତ ହୋଇପାରିଥାଏ। ଶିକ୍ଷା ହେଉଛି ଏକ ଶ୍ରେଷ୍ଠ ମଞ୍ଚ ଯେଉଁଠି ଚେତନାର ପରିପ୍ରକାଶ ଘଟିଥାଏ। ସେହିପରି ସୁସ୍ଥ ପରିବେଶ ସୃଷ୍ଟି କରିବା ପାଇଁ ପରିବେଶ ପ୍ରଦୂଷଣର ନିରାକରଣ ଦିଗରେ ସଚେତନ ହେବା ପାଇଁ ପରିବେଶ ସମ୍ବନ୍ଧୀୟ ପାଠ୍ୟକ୍ରମ ପାଠ୍ୟ ଖସଡ଼ାରେ ସାମିଲ କରିବାକୁ ଗୁରୁତ୍ୱାରୋପ କରିଥିଲେ। ଛାତ୍ରୀ ଛାତ୍ରମାନଙ୍କୁ ଅଧ୍ୟୟନରେ ମନୋନିବେଶ କରି ନିଯୁକ୍ତି ଆଶାୟୀ ନ ହୋଇ ନିଯୁକ୍ତିର ସୁଯୋଗ ସୃଷ୍ଟି କରିବା ଦିଗରେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁଧୀର କୁମାର ଦାଶ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ବିଶ୍ୱବିଦ୍ୟାଳୟ ସିଣ୍ଡିକେଟ ସଦସ୍ୟ ପ୍ରଫେସର ବିଶ୍ୱଜିତ ଶତପଥୀ, ଅଶ୍ୱିନୀ ସାହୁ ପ୍ରମୁଖ କୁଳପତିଙ୍କ ସହ ଏହି ଗସ୍ତରେ ଆସିଥିଲେ। ମହାନଦୀ କୋଲଫିଲ୍ଡ ଲିମିଟେଡ ଦ୍ୱାରା ପ୍ରାୟୋଜିତ ବିଶ୍ୱବିଦ୍ୟାଳୟ ତରଫରୁ ଏହି ନୂତନ ବୈଷୟିକ ବିଭାଗ ୧୦ହଜାର ବର୍ଗଫୁଟ ପରିମିତ ସ୍ଥାନରେ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ରହିଛି।